


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୩ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 03 JANUARY 2023

Vol.No. 34 ■ No. 3 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିମୁଦ୍ରାକରଣରେ 'ସୁପ୍ରିମ' ମୋହର: କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ କ୍ଲିନଚିଟ୍

ନୂଆଦିଲ୍ଲୀ, ୦୨/୦୧ (ନି.ପ୍ର): ୨୦୧୬ ନଭେମ୍ବର ୮ ତାରିଖ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହଠାତ୍ ସାମ୍ନାକୁ ଆସି ବଡ ନୋଟ ଅଚଳ ହୋଇଗଲା ବୋଲି ଘୋଷଣା କରିବା ନିଷ୍ପତି ଭୁଲ ଥିଲା ବୋଲି ବିରୋଧୀ ଅଭିଯୋଗ କରି ଆସୁଥିଲେ । କାରଣ ବିମୁଦ୍ରାକରଣ ଯୋଗୁଁ ଦେଶର ଜନତାଙ୍କ ଲମ୍ବା ଲାଇନ ବ୍ୟାଙ୍କ ଆଗରେ ଲାଗିଥିଲା । ଏବେ ସେହି ମାମଲାର ସୁପ୍ରିମ ରାୟ ଆସିଛି । ଦୀର୍ଘ ୬ ବର୍ଷ ପରେ କେନ୍ଦ୍ର ସରକାରଙ୍କ ବିମୁଦ୍ରାକରଣ ନିଷ୍ପତିକୁ ଠିକ୍ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ରାୟ ଶୁଣାଇ କହିଛନ୍ତି, ୨୦୧୬ରେ କେନ୍ଦ୍ର ନେଇଥିବା ବିମୁଦ୍ରାକରଣ ନିଷ୍ପତିରେ କିଛି ଭୁଲ ନାହିଁ । ଏଥିପାଇଁ କେନ୍ଦ୍ର ଓ ଆରବିଆଇ ମଧ୍ୟରେ ୬ମାସ ଧରି ଆଲୋଚନା ହୋଇଛି । କଳାବଜାରୀ ଓ ଟେରର



ଫଣ୍ଡିଂ ରୋକିବାକୁ ବିମୁଦ୍ରାକରଣ କରାଯାଇଥିଲା । ସେହି ଉଦ୍ଦେଶ୍ୟ ପୂରଣ ହୋଇଛି ନା ନାହିଁ ତାହା ଏବେ ପ୍ରାସଙ୍ଗିକ ନୁହେଁ । ସମ୍ବିଧାନ ଓ ଆରବିଆଇ ଆକ୍ଟ କେନ୍ଦ୍ର ସରକାରକୁ ନୋଟବନ୍ଦୀ କ୍ଷମତା ଦେଇଛନ୍ତି । ସରକାର ଯେକୌଣସି ସିରିଜର ନୋଟକୁ ଅଚଳ କରିପାରିବେ । ରାୟ ଶୁଣାଇଥିବା ୫ ଜଣିଆ ଖଣ୍ଡପୀଠର ଅନ୍ୟତମ ବିଚାରପତି ଜଷ୍ଟିସ ବିବି ନାଗରତ୍ନା କିନ୍ତୁ ଭିନ୍ନ ମତ ରଖିଛନ୍ତି । ସରକାର ଅଚାନକ କରିଥିବା ନୋଟବନ୍ଦୀକୁ ସେ ବେଆଇନ ଦର୍ଶାଇଛନ୍ତି । ସେ କହିଛନ୍ତି, କେବଳ ବିଜ୍ଞପ୍ତି ଜାରି କରି ସରକାର ଏପରି କରିପାରିବେ ନାହିଁ । ବିମୁଦ୍ରାକରଣ ପାଇଁ ସଂସଦରେ ▶▶ପୃଷ୍ଠା ୭

## ୨୦୨୨ରେ ଏସଟିଏଫ ୭୫ଟି ମାମଲାରେ ମୋଟ୍ ୧୩୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି

ଭୁବନେଶ୍ୱର, ୦୨/୦୧ (ନି.ପ୍ର): ୨୦୨୨ରେ ଏସଟିଏଫ ୭୫ଟି ମାମଲାରେ ମୋଟ୍ ୧୩୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏମାନଙ୍କ ଭିତରେ ଅନ୍ୟ ୮ ରାଜ୍ୟର ଅପରାଧୀ ମଧ୍ୟ ରହିଛନ୍ତି । ଏସଟିଏଫ ଆଇଜି ଜୟ ନାରାୟଣ ପଙ୍କଜ ସୂଚନା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଅବଧିରେ ୨୨ କୋଟିର ବ୍ରାଉନସୁଗାର, ୨୫୨୪ କେଜି ଗଞ୍ଜେଇ , ୨୦୨ ଗ୍ରାମ୍ କୋକେନ, ୫୧୭ ଗ୍ରାମ ଅଫିମ ଏବଂ ୬୫ ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି । ଏହି ମାମଲାରେ ୧୩ କୋଟି ଟଙ୍କାର ସମ୍ପତ୍ତି ବ୍ୟାଜ୍ୟାପ୍ତି କରାଯିବା ସହିତ ଜବତ ୨୩ କୋଟିର ବ୍ରାଉନସୁଗାର ନଷ୍ଟ ହୋଇଛି । ଠିକ୍ ସେହିପରି ୫୫ କ୍ୱିଂଟାଲ ଗଞ୍ଜେଇ ନଷ୍ଟ କରାଯାଇଛି । ସେହିଭଳି ବନ୍ୟ ପ୍ରାଣୀ ଅପରାଧରେ ଏସଟିଏଫରେ ୩୧ଟି ମାମଲା ହୋଇଛି । ଏଥିରେ ୧୪ଟି କଲରା ପତରିଆ ବାଘ, ଗୋଟିଏ ମହାବଳ ବାଘ, ୯ଟି ବଜ୍ରକାପ୍ତା, ୨୨ କେଜି ବଜ୍ରକାପ୍ତା କାତି, ୧୪ଟି ହାତୀଦାନ୍ତ୍ୱ ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି । ସେହିପରି ଜାଲ ନୋଟ ମାମଲାରେ ୪୭ ଲକ୍ଷରୁ ଅଧିକ ଟଙ୍କା ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

## ଯୁକ୍ରେନର ବାଣିଜ୍ୟ ନଗରୀରେ ରୁଷ କରୁଛି ଡ୍ରୋନରେ ଜୋରଦାର ଆକ୍ରମଣ

ନୂଆଦିଲ୍ଲୀ, ୦୨/୦୧ (ନି.ପ୍ର): ନୂଆବର୍ଷ ଆରମ୍ଭରୁ ରୁଷର ଆକ୍ରମଣରେ ଥରିଛି ଯୁକ୍ରେନ । ଯୁକ୍ରେନର ବାଣିଜ୍ୟନଗରୀ କୁହାଯାଉଥିବା ବ୍ରୟାଂକସ୍ତରେ ସୋମବାର ସକାଳୁ ସକାଳୁ ଡ୍ରୋନରେ ଆକ୍ରମଣ କରିଛି କ୍ରେମଲିନ । ଏହା ଦ୍ୱାରା ରାଜ୍ୟରେ ବଡ କ୍ଷତି ହେବା ସହ ବିଜୁଳି ଓ ପାଣି ସେବା ସମ୍ପୂର୍ଣ୍ଣଭାବେ ବାଧାପ୍ରାପ୍ତ ହୋଇଛି । ତେବେ ଏହି ଡ୍ରୋନ ଆକ୍ରମଣରେ କୌଣସି ମୃତାହତର ସୂଚନା ମିଳିପାରିନି । ଜାନୁଆରୀ



୧ ତାରିଖରେ ମଧ ରାଜଧାନୀ କିଭରେ ଆକ୍ରମଣ କରିଥିଲା ରୁଷ । ଯୁକ୍ରେନ ବାୟୁସେନା ଦାବି କରିଥିଲା କି ୪୫ ରୁଷ ଡ୍ରୋନକୁ ନଷ୍ଟ କରିଛି ଯୁକ୍ରେନ ଏୟାର ଡିଫେନ୍ସ । ସ୍ଥିତିକୁ ଦେଖି କିଭରେ ଆଲର୍ଟ ଜାରି କରାଯାଇଛି । ▶▶ପୃଷ୍ଠା ୭

## ରୁଷୀୟ ପର୍ଯ୍ୟଟକଙ୍କର ମୃତ୍ୟୁ ମାମଲା : ରାୟଗଡା ଏସପିଙ୍କୁ ରିପୋର୍ଟ ମାଗିଲେ ଏନଏଚଆରସି

ଭୁବନେଶ୍ୱର, ୦୨/୦୧ (ନି.ପ୍ର): ରାୟଗଡା ହୋଟେଲରେ ରୁଷୀୟ ପର୍ଯ୍ୟଟକଙ୍କ କେମିତି ମୃତ୍ୟୁ ହେଲା ? କିଭଳି ଓ କେଉଁ ପରିସ୍ଥିତିରେ ମାତ୍ର ୪୮ଘଂଟା ଭିତରେ ଦୁଇ ପର୍ଯ୍ୟଟକଙ୍କ ମୃତ୍ୟୁ ହେଲା ? ମୃତ୍ୟୁ ରହସ୍ୟ ଉନ୍ମୋଚନ ପାଇଁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ? ସେ ନେଇ ରାୟଗଡା ଏସପିଙ୍କ ରିପୋର୍ଟ ମାଗିଛନ୍ତି ଜାତୀୟ ମାନବାଧିକାର କମିଶନ । ୪ ସପ୍ତାହ ମଧ୍ୟର ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ମାନବାଧିକାର କର୍ମୀ ରବୀନ୍ଦ୍ର ମିଶ୍ର କମିଶନଙ୍କ ଦ୍ୱାରସ୍ଥ ହେବା ପରେ କମିଶନ ରାୟଗଡା ଏସପିଙ୍କୁ ପକ୍ଷଭୁକ୍ତ କରି ଓଡ଼ିଶା ପୁଲିସ ଡିଜିଙ୍କୁ ନୋଟିସ୍ ପଠାଇଛନ୍ତି । ସେପଟେ ରହସ୍ୟ ଖୋଲିବା ପାଇଁ ତଦନ୍ତ ଜାରି ରଖିଛି କ୍ରାଇମବ୍ରାଂଚ । ଫୋରେନସିକ୍ ଓ



ସାଇଂଟିଫିକ୍ ଟିମ୍ ଶ୍ମଶାନରୁ ସଂଗ୍ରହ କରିଥିବା, ହାଡ ଓ ପାଉଁଶର ଡିଏନଏ ପରୀକ୍ଷଣ ପାଇଁ ଭୁବନେଶ୍ୱର ଲାବକୁ ପଠାଯାଇଛି । ଏଥିସହ ହୋଟେଲରୁ ଜବତ କରିଥିବା ମୃତକଙ୍କ ଲ୍ୟାପଟପ୍, ମୋବାଇଲ, ପାସପୋର୍ଟରୁ ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଛି । ତେବେ ଆବଶ୍ୟକ ପଡିଲେ ଇଂଟରପୋଲର ସହାୟତା ନିଆଯାଇପାରେ ବୋଲି ରବିବାର ସୂଚନା ଦେଇଥିଲେ ନିଜେ ପୁଲିସ୍ ଡିଜି । ଏଥିସହ ମୃତ୍ୟୁ ପୂର୍ବରୁ ପାଭେଲ ଆଂଟୋଭ କାହା ସହ ମୋବାଇଲ୍ରେ କଥା ହୋଇଥିଲେ ? କେଉଁମାନଙ୍କ ସହ ଚାଟିଂ କରିଥିଲେ ? କାହାକୁ ଇ-ମେଲ୍ କରିଥିଲେ ? ରୁଷ୍ ପର୍ଯ୍ୟଟକ ରହିବା ସମୟରେ ହୋଟେଲକୁ କେଉଁମାନେ ଆସିଥିଲେ ? ସେସବୁର ବିସ୍ତୃତ ତଥ୍ୟ ଜଣାପଡିଲେ ପାଭେଲଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବା ସହଜ ହେବ ବୋଲି ଆଶା ରଖିଛି କ୍ରାଇମବ୍ରାଂଚ ଟିମ୍ ।

## ମହିଳାଙ୍କୁ ଘୋଷାଡ଼ିଥିବା ୫ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା ପୁଲିସ

ନୂଆଦିଲ୍ଲୀ, ୦୨/୦୧ : ଦିଲ୍ଲୀର ସୁଲତାନପୁରୀ ଅଞ୍ଚଳରେ ଜଣେ ମହିଳାଙ୍କୁ ବିଚ୍ ରାସ୍ତାରେ ୪ କିଲୋମିଟର ଯାଏଁ ଏକ ଚଳନ୍ତା କାର ଘୋଷାଡ଼ି ନେଇଥିଲା । କିଛି ମଦ୍ୟପ ଯୁବକଙ୍କ ଏଭଳି ବର୍ବୋରଚିତ କାଣ୍ଡରେ ଜଣେ ୨୦ ବର୍ଷୀୟ ଯୁବତୀଙ୍କ ମୃତ୍ୟୁ ହୋଇଛି । ଏହି ଘଟଣାର ସମସ୍ତ ୫ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ଏବେ ସେମାନଙ୍କୁ ୩ଦିନିଆ ପୁଲିସ ହେପାଜତକୁ ପଠାଯାଇଛି । ପୁଲିସ ଅଭିଯୁକ୍ତମାନଙ୍କୁ ୫ ଦିନିଆ ରିମାଣ୍ଡ ନେବା ପାଇଁ ଆବେଦନ କରିଥିଲା । ହେଲେ ସୋମବାର କୋର୍ଟ ଦିଲ୍ଲୀ ପୁଲିସକୁ ୩ ଦିନିଆ ରିମାଣ୍ଡ ନେବା ପାଇଁ ଅନୁମତି ଦେଇଛନ୍ତି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ, ଦୀପକ ଖାନ୍ନା, ଅମିତ ଖାନ୍ନା, କୃଷ୍ଣ, ମିଥୁନ ଏବଂ ମନୋଜ ମିତ୍ତଲ । ତେବେ ମନୋଜ ମିତ୍ତଲ ଜଣେ ବିଜେପି ନେତା ହୋଇଥିବାରୁ ପୁଲିସ ଏହି ଘଟଣାକୁ ଗୁରୁତ୍ୱ ଦେଉନାହିଁ ବୋଲି କହିଛନ୍ତି ଆପ୍ ମୁଖପାତ୍ର ସୌରବ ଭରଦ୍ୱାଜ । ସେ କହିଛନ୍ତି ଗିରଫ ୫ଜଣ ଅଭିଯୁକ୍ତଙ୍କ ▶▶ପୃଷ୍ଠା ୭

## ୪ ଟି ପ୍ରସଙ୍ଗରେ ଖୁଲାସା କରିବେ ଭର୍ତ୍ତୃହରି

ଭୁବନେଶ୍ୱର, ୦୨/୦୧ (ନି.ପ୍ର): ବିଜେଡିରେ ଅନ୍ତଃକନ୍ଦଳ ଚାଲିଛି ବୋଲି ଜୋରଦାର ଚର୍ଚ୍ଚା ହେଉଛି । ଏହାରି ମଧ୍ୟରେ ବିଜେଡିର ବରିଷ୍ଠ ନେତା ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ଗଣମାଧ୍ୟମରେ ଯେଉଁ ବୟାନ ରଖିଛନ୍ତି ତାହା ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଭର୍ତ୍ତୃହରି ସୋମବାର କହିଛନ୍ତି ସେ ୪ଟି ବିଷୟରେ ନିଜର ଆଭିମୁଖ୍ୟ ଗଣମାଧମ ଆଗରେ ରଖିବେ । ତେବେ ସେ ୪ ଟି ପ୍ରସଙ୍ଗ କଣ ତାକୁ ନେଇ ବିଜେଡି ମହଲରେ ଶଙ୍କା ବଢିଲାଣି । ସ୍ୱାଧୀନତା ସଂଗ୍ରାମୀ ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମ ପ୍ରତିନିଧିମାନେ ଭର୍ତ୍ତୃହରିଙ୍କୁ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସରେ ଅନୁପସ୍ଥିତ ରହିଥିବା ସମ୍ପର୍କରେ ପଚାରିଥିଲେ । ଶ୍ରୀ



ମହତାବ ଗଣମାଧମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏନେଇ ଚର୍ଚ୍ଚା ନକରିବା ଭଲ । ବିଜେଡି ପ୍ରତିଷ୍ଠା ଦିବସରେ କାହିଁକି ଅନୁପସ୍ଥିତ ରହିଲେ ତା'ର ସିଧାସଳଖ ଉତର ନଦେଇ ଶ୍ରୀ ମହତାବ କହିଥିଲେ ଯେ, ସାଂସଦ ପିନାକୀ ମିଶ୍ର ତ ଅନୁପସ୍ଥିତ ଥିଲେ । ତାଙ୍କୁ ଏନେଇ ପଚାରିଛନ୍ତି କି ? ପିନାକୀ ଅସୁସ୍ଥ ଥିବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଥିଲା, କିନ୍ତୁ ତାଙ୍କ ସମ୍ପର୍କରେ କିଛି କୁହାଯାଇନଥିବା ସମ୍ପର୍କରେ ସାମ୍ବାଦିକମାନେ ପ୍ରଶ୍ନ କରିବାରୁ ସେଦିନ ପିନାକୀବାବୁ କେଉଁଠି ଥିଲେ ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ । ସେହିପରି ୪ଟି ବିଷୟରେ କହିବାର ଅଛି । ଏବେ ନୁହେଁ, ଦେଖାହେଲେ କହିବେ ବୋଲି କହିଛନ୍ତି । ଖୁବଶୀଘ୍ର କହିବେ ବୋଲି କହିଛନ୍ତି । ଯାହା ସେ କହିବାକୁ ଚାହୁଁଛନ୍ତି ସେଥିରେ ୨୦୨୪ରେ ନିର୍ବାଚନ ଲଢ଼ିବେ କି ନାହିଁ ତାହା ବି ଗୋଟିଏ ପ୍ରସଙ୍ଗ । ସେପଟେ ବିଜେଡିରେ ସେମିତି କିଛି ଦ୍ୱନ୍ଦ୍ୱ ନାହିଁ । ପ୍ରତିଷ୍ଠା ଦିବସ ବହୁତ ଭଲ ଭାବରେ ହୋଇଛି । ସମସ୍ତଙ୍କ ଯୋଗଦାନ ରେ ହୋଇଛି ବୋଲି କହିଛନ୍ତି ଦଳର ଉପ ସଭାପତି ଦେବୀ ମିଶ୍ର । ଭର୍ତ୍ତୃହରି ବାବୁଙ୍କ ଯାହା ବି କହିବାର ଅଛି କୁହନ୍ତୁ ବୋଲି ବି ସେ କହିଛନ୍ତି ।

## ଅର୍ଚ୍ଚନା, ଜଗବନ୍ଧୁଙ୍କୁ ଜେଲ୍‌ରେ ଜେରା କରିବାକୁ ଇଡିର ଆବେଦନ


ଭୁବନେଶ୍ୱର, ୦୨/୦୧ (ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କୁ ପୁଣିଥରେ ପଚରାଉଚୁରା କରିବା ପାଇଁ ଇଡି ଯୋଜନା କରିଛି । ଅର୍ଚ୍ଚନାଙ୍କ ସହ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ପୁଣି ପଚରାଉଚରା କରିବ ଇଡ଼ି । ଏକାଧିକ ବ୍ୟକ୍ତିବିଶେଷଙ୍କ ବୟାନ ରେକର୍ଡ ପରେ, ଉଭୟଙ୍କୁ ପଚରାଉଚରା ପାଇଁ ଯୋଜନା କରିଛି ଇଡ଼ି । ଉଭୟଙ୍କୁ ଜେଲରେ ଜେରା ପାଇଁ କୋର୍ଟରେ ଇଡି ଆବେଦନ କରିଛି । ଅନ୍ୟପକ୍ଷରେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଛନ୍ତି ଅର୍ଚ୍ଚନା ନାଗ । ନୟାପଲ୍ଲୀ ଥାନାରେ ଥିବା ମାମଲାରେ ଅର୍ଚ୍ଚନାଙ୍କୁ ପୂର୍ବରୁ ଜାମିନ୍ ମିଳିନଥିବା ବେଳେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## କରୋନା ପାଇଁ ସତର୍କ ରହିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ

ଭୁବନେଶ୍ୱର, ୦୨/୦୧ (ନି.ପ୍ର): କରୋନାକୁ ନେଇ ଆମକୁ ଆଗାମୀ ୩୦ ରୁ ୪୦ ଦିନ ଯାଏଁ ଆମକୁ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି । କରୋନା ପାଇଁ ସମସ୍ତଙ୍କୁ ସତର୍କ ରହିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ - ବର୍ତ୍ତମାନ ରାଜ୍ୟରେ ସଂକ୍ରମଣ ୧୦ ଭିତରେ ରହିଛି । ଯେଉଁ ସ୍ଥାନରେ ହକି ଖେଳ ହେବ ସେଠାରେ ଅଧିକ ଟେଷ୍ଟିଙ୍ଗ କରାଯିବ । ଷ୍ଟାଡିୟମ ମଧ୍ୟରେ ମଧ ଟେଷ୍ଟିଙ୍ଗ ବ୍ୟବସ୍ଥା କରାଯିବ । ଯଦି ଅନ୍ୟ ରାଜ୍ୟରେ ବଢେ କିଛି ଦିନ ପରେ ଆମ ରାଜ୍ୟରେ ମଧ ବଢ଼ିବ । ତେଣୁ ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି । ଯଦି ପାଖ ରାଜ୍ୟରେ ବଢେ ତେବେ ଆମ ରାଜ୍ୟରେ ମଧ ବଢିବ । ସେ କହିଛନ୍ତି ଯେ ଏକ୍ସବିବି ୧.୫ ନୂଆ ଭାରିଏଂଟ ଦେଶରେ ଚିହ୍ନଟ ହୋଇଛି । ରୂପ ବଦଳାଇବା ହେଉଛି କରୋନାର ଚରିତ୍ର । ବର୍ତ୍ତମାନ ପର୍ଯ୍ୟନ୍ତ ବହୁତ ଥର କୋରନା ରୂପ ବଦଳାଇଲାଣି । କିନ୍ତୁ ଏହାର ଲକ୍ଷଣ ଓ ଭୟାବହତା କେତେ ହେବେ ଜଣାପଡି ନାହିଁ । ସେ ନେଇ ପରୀକ୍ଷା ଚାଲିଛି । କେନ୍ଦ୍ର ସରକାରଙ୍କ ତରଫରୁ ଟିକା କରଣ ପାଇଁ କୌଣସି ନିର୍ଦ୍ଦେଶ ଆସିନାହିଁ । ରାଜ୍ୟରେ ଟୀକା କରଣ ପାଇଁ ସବୁ ବ୍ୟବସ୍ଥା ଅଛି । କେନ୍ଦ୍ରରୁ ନିର୍ଦ୍ଦେଶ ଆସିଲା ପରେ ଟୀକାକରଣ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

## ଆଇସିୟୁରେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ

ବାଲେଶ୍ୱର, ୦୨/୦୧ (ନି.ପ୍ର): ଅସୁସ୍ଥ ହୋଇପଡ଼ିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ । ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ତୀକ୍ଷଣ ନଜର ରଖିଛନ୍ତି ଡାକ୍ତରୀ ଟିମ୍ । ଗତ ୨୯ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେସନ୍‌ର ନବୀକରଣ କାମର ଶିଳାନ୍ୟାସ କରାଯାଇଥିଲା । ଏଥିରେ ଯୋଗଦେଇଥିଲେ ଶ୍ରୀ



ଷଡଙ୍ଗୀ । ପରେ ସେ ପୁରୀ-ଜଳେଶ୍ୱର ଏମ୍ଇଏମ୍ୟୁ ଟ୍ରେନ୍‌ରେ ବାଲେଶ୍ୱର ଫେରିଥିଲେ । ସେହି ଦିନ ସେ ଅସୁସ୍ଥ ହୋଇଥିଲେ । ତାଙ୍କୁ ଥଣ୍ଡା ଓ ଜ୍ୱର ହୋଇଥିଲା । ଡାକ୍ତରଙ୍କ ପରାମର୍ଶରେ ସେ ମେଡ଼ିସିନ୍ ଖାଇଥିଲେ । ହେଲେ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ଘଟିନଥିଲା । ଆଜି ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଫକିର ମୋହନ ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା ।

## ରାଜଘାଟ ଛକ ନିକଟରେ ଚଳନ୍ତା ମାଲବାହୀ ଗାଡିରେ ଲାଗିଲା ନିଆଁ : ଅଳ୍ପକେ ବର୍ତ୍ତିଲେ ଚାଳକ


ବସ୍ତା, ୦୨/୦୧ (ନି.ପ୍ର): ବସ୍ତା ଥାନା ୬୦ନମ୍ବର ଜାତୀୟ ରାଜପଥ ରାଜଘାଟ ଛକ ନିକଟରେ ସୋମବାର ସକାଳ ୮-୩୦ ମିନିଟ ସମୟ ରେ ଚଳନ୍ତା ମାଲବାହୀ ଗାଡି ରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଚାଳକ । ତେବେ ଉକ୍ତ ମାଲବାହୀ ଗାଡି ନଂ WB୧୯ J୪୬୩୮ ଗାଡି ଖୋର୍ଦ୍ଧା ରୁ ପଶ୍ଚିମବଙ୍ଗ ଖଡଖପୁର ଅଭିମୁଖେ ଯାଉଥିବା ସମୟରେ ରାଜଘାଟ ଛକ ନିକଟରେ ପଛପଟୁ ଆସୁଥିବା ଗାଡୀର ଡ୍ରାଇଭର ଉକ୍ତ ଗାଡି ଡ୍ରାଇଭରକୁ କହିଲା ତୋର ଗାଡିରୁ ଧୂଆଁ ବାହାରୁ ଅଛି ସେ ସଂଗେ ସଂଗେ ଗାଡିଟିକୁ ସାଇଟ କରି ଦେଖେତ ଗାଡିର ପଛପଟେ ଆଁ ଲାଗିଯାଇଛି । ସେଠାରେ ଗାଡିଟିକୁ ରଖି ଥିଲେ ସ୍ଥାନୀୟ ଲୋକେ ବସ୍ତା ଅଗ୍ନିଶମ ବିଭାଗ ଖବର



ଦେଇଥିଲେ । ସଂଗେ ସଂଗେ ବସ୍ତା ଅଗ୍ନିଶମ ବିଭାଗ ଅଧିକାରୀ ଦିଲ୍ଲିପ ନାୟକ ସହ ପୁରା ବାହିନୀ ପହଂଚି ନିଆଁକୁ ଆୟତ୍ତ କରିଥିଲେ ମାତ୍ର ନିଆଁ ଲାଗିବାର କାରଣ ଅସ୍ପଷ୍ଟ । ଘଟଣା ସ୍ଥଳରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ପହଂଚି ଥିଲେ । ଖବର ପାଇଁ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ପହଞ୍ଚି ଘଟଣା ର ତଦନ୍ତ ଜାରୀ ରଖିଛନ୍ତି ।

## ବିଶ୍ୱର ଦୀର୍ଘତମ ରିଭର କ୍ରୁଜ୍ ଉଦ୍‌ଘାଟନ କରିବେ ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ, ୦୨/୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ମୋଦୀ ଜାନୁଆରୀ ୧୩ରେ ବିଶ୍ୱର ସବୁଠାରୁ ଲମ୍ବା ରିଭର କ୍ରୁଜର ଉଦଘାଟନ କରିବେ । ଏହି କ୍ରୁଜ ଉତ୍ତରପ୍ରଦେଶ ବାରାଣସୀରୁ ତାର ଯାତ୍ରା ଆରମ୍ଭ କରି ବାଂଲାଦେଶ ଦେଇ ଆସାମର ଦିବ୍ରୁଗଡରେ ପହଞ୍ଚିବ । ୫୦ ଦିନରେ ଏହିକ୍ରୁଜ ଗଙ୍ଗା-ଭାଗିରଥୀ-ହୁବଳୀ-ବ୍ରହ୍ମପୁତ୍ର ସହ ୨୭ଟି ନଦୀ ଦେଇ ମୋଟ ୩୨୦୦ କିମିର ଦୂରତା ଅତିକ୍ରମ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିସେମ୍ବର ୩୦ରେ କହିଥିଲେ ଯେ



ଏହି କ୍ରୁଜ ବିଶ୍ୱର ସବୁଠାରୁ ସୁନ୍ଦର କ୍ରୁଜ । ଏହା ଦ୍ୱାରା ଭାରତରେ ବଢୁଥିବା ପର୍ଯ୍ୟଟନକୁ ଆଉ ଗୋଟିଏ ସଫଳତା ମିଳିବ । ମୋର ପଶ୍ଚିମବଙ୍ଗବାସୀଙ୍କୁ ଅନୁରୋଧ ଯେ ସେମାନେ ଏହାର ଭରପୂର ଫାଇଦା ଉଠାନ୍ତୁ । ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମବଙ୍ଗରେ ବିଭିନ୍ନ ଯୋଜନାର ଉଦଘାଟନ ବେଳେ ଏନେଇ ଅବଗତ କରାଇଥିଲେ । ଏଥିରେ ସେ ଘୋଷଣା ମଧ କରିଥିଲେ ଯେ ଜାନୁଆରୀ ୧୩ ତାରିଖରେ ଏହି ଯୋଜନାର ଶୁଭାରମ୍ଭ ହେବାକୁ ଯାଉଛି । ସୂଚନା ଅନୁସାରେ ନିଜର ଯାତ୍ରାରେ ଏହି କ୍ରୁଜ ବିଭିନ୍ନ ଐତିହାସିକ ସ୍ଥାନ ସହିତ ୫୦ଟି ପର୍ଯ୍ୟଟନ କେନ୍ଦ୍ରର ଦର୍ଶନ କରାଇବ । ଏଥିରେ ବାରାଣସୀର ଗଙ୍ଗା ଆଳତୀ, କାଜିରଙ୍ଗା ଜାତୀୟ ଉଦ୍ୟାନ, ସୁନ୍ଦରବନ ଭଳି ଅଞ୍ଚଳ ରହିଛି । ବାଂଲାଦେଶରେ କେବଳ ଏହି କ୍ରୁଜ ୧୧୦୦ କିଲୋମିଟର ଯାତ୍ରା କରିବ । ଏହାକୁ ଗୋଟିଏ ବେସରକାରୀ ସଂସ୍ଥା ପରିଚାଳନା କରିବ । ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପୂରା ଧ୍ୟାନ ଜଳମାର୍ଗର ବିକାଶ ଉପରେ ରହିଛି । ବିଭାଗ ଏହା ଉପରେ ଗମ୍ଭୀରତାର ସହ କାମ କରୁଛି । କ୍ରୁଜର ସଫଳ ସଞ୍ଚାଳନ ସହ ଜେଟ୍ଟୀର ବ୍ୟବସ୍ଥା ମଧ କରାଯାଇଛି । ନିକଟରେ ବନ୍ଦର ପରିବହନ ଏବଂ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନିଓ୍ୱାଲ କହିଥିଲେ, ▶▶ପୃଷ୍ଠା ୭

# ନୂଆ ବର୍ଷରେ ବିଧାୟକ ଶଶି ଭୂଷଣଙ୍କୁ ବିପୁଳ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୨/୦୧ (ନି.ପ୍ର): ଇଂରାଜୀ ନୂଆବର୍ଷର ପ୍ରଥମ ଦିନ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କୁ ବିପୁଳ ଶୁଭେଚ୍ଛା ଜ୍ଞାପନ କାଯାଇଛି । ଆଜି ସକାଳୁ ବିଧାୟକ ଶ୍ରୀ ବେହେରା ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଦର୍ଶନ କରି ଯାଇଥିବା ବେଳେ ସେଠାରେ ସ୍ଥାନୀୟ ଅଂଚଳର ବହୁ ସମର୍ଥକ ଓ ଦଳୀୟ କର୍ମୀ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକଙ୍କୁ ଅଭିନନ୍ଦନ ଜଣାଇବା ସହ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ । ସେଠାରୁ ଫେରିବା ପରେ ଦୁହୁରିଆ ନିକଟ ହାଡିବନ୍ଧୁ ବିହାର ସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଦଳ ତରଫରୁ ଓ ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ବହୁ ସଂଖ୍ୟକ ଦଳୀୟ କର୍ମୀ, ସମର୍ଥକ ଓ ଦଳର ପଦାଧିକାରୀ ମାନେ ଏକାଠି ହୋଇ ବିଧାୟକ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ ପୂର୍ବକ ନବ ବର୍ଷର ଅଭିନନ୍ଦନ ଜଣାଇବା ସହ ବର୍ଷସାରା ରାଜନୈତିକ ସଫଳତା ଲାଭ ପାଇଁ କାମନା କରିଥିଲେ । ଉପ ସଭାପତି ଦେବଦାସ ମହାନ୍ତି, ଦୁର୍ଗା ପ୍ରସାଦ ପତି, ମଙ୍ଗଳ ବରଣ ସିଂହ, ଶରତ କୁମାର ବେହୁରା, ସୁମିତ୍ରା ପାଢୀ, ବ୍ଲକ ଚେୟାରମ୍ୟାନ ରଶ୍ମିତା ସେଠୀ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ଡ଼ଃ ଜ୍ୟୋତ୍ସ୍ନା ଜେନା ପାଇଲେ ଭାରତ ଗୌରବ ଶ୍ରୀ ସମ୍ମାନ

କେନ୍ଦ୍ରାପଡ଼ା, ୦୨/୦୧ (ନି.ପ୍ର): କେନ୍ଦ୍ରାପଡାର ଖ୍ୟାତିନାମା ସମାଜସେବୀ ଓ ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସଂପାଦିକା ଡ଼ଃ ଜ୍ୟୋସ୍ନାରାଣୀ ଜେନା ଭାରତ ଗୌରବ ଶ୍ରୀ ସମ୍ମାନରେ ସମ୍ମାନିତା ହୋଇଛନ୍ତି । ଭାରତ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଂଗଠନ କମିଶନରଙ୍କ ଦ୍ୱାରା ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଡ଼ଃ ଶ୍ରୀମତୀ ଜେନା କୋଭିଡ ସମୟରେ ବିଭିନ୍ନ ସଂଗଠନରେ ଯୋଡି ହୋଇ ଲୋକଙ୍କ ସେବା କରିବା, ବିଶ୍ୱ ପରିବେଶ ଓ ସମାଜସେବା ପାଇଁ ସମ୍ମାନିତା ହୋଇଛନ୍ତି । ଭୁବନେଶ୍ୱର ଠାରେ ଆୟୋଜିତ ଏହି ସମାରୋହରେ ଆନ୍ଧ୍ରପ୍ରଦେଶର ମହାମହିମ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡ଼ଃ ଶ୍ରୀମତୀ ଜେନାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ସମାରୋହରେ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଂଗଠନ କମିଶନର ଅଭିନ୍ନ କୁମାର ହୋତାଙ୍କ ସମେତ ଜାତୀୟ ଆନ୍ତର୍ଜାତୀୟ ସ୍ତରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଲଣ୍ଡା ପାହାଡ଼ ହେଲା ସବୁଜ ସୁନ୍ଦର

## ବ୍ରହ୍ମପୁରର 'ସବୁଜ ମଣିଷ' ସୁଧୀର, ରୋପଣ କରିଛନ୍ତି ଦେଢ଼ଲକ୍ଷ ଚାରା

ବ୍ରହ୍ମପୁର : ଗିରିସୋଲା ନିକଟରେ ଥିବା ଏକ ଲଣ୍ଡା ପାହାଡ଼ରେ ମଞ୍ଜି ଓ ସିଡ୍‌ବଲ୍ ବିଞ୍ଚିବା ଫଳରେ ବିଭିନ୍ନ କିସମର ଫଳ ଗଛ ବଢ଼ିଛି । ଏହି ଲଣ୍ଡାପାହାଡ଼ ସବୁଜ ସୁନ୍ଦର ପାଲଟିଛି । ପରିବେଶ ସୁରକ୍ଷା ପାଇଁ ୧୫ବର୍ଷ ଧରି ଅଣ୍ଟା ଭିଡ଼ିଥିବା ଜଣେ ଅଧ୍ୟାପକଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବପର ହୋଇଛି । ସେ ହେଉଛନ୍ତି, ବ୍ରହ୍ମପୁର ସହରର ସୁଧୀର ରାଉତ । 'ସବୁଜ ମଣିଷ' ଭାବେ ଜଣାଶୁଣା ଶ୍ରୀ ରାଉତ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଗ୍ରାମାଞ୍ଚଳ ଏବଂ ପାହାଡ଼ରେ ଦେଢ଼ଲକ୍ଷ ଚାରାରୋପଣ କରିସାରିଛନ୍ତି । ଆଗକୁ ଆହୁରି ୧୫ଟି ଲଣ୍ଡା ପାହାଡ଼କୁ ସବୁଜ ସୁନ୍ଦର କରିବା ପାଇଁ ସୁଧୀର ଅଣ୍ଟା ଭିଡ଼ିଛନ୍ତି ।

୨୦୦୩ରେ ସୁଧୀର ବିଜୟୱାଡ଼ାରେ ଏକ କଲେଜରେ ଅଧ୍ୟାପନା କରୁଥିବା ବେଳେ ବୃକ୍ଷରୋପଣ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ଓଡ଼ିଶା ଫେରି ୨୦୦୭ରେ ସୁଧୀର ପ୍ରଥମେ ଆନ୍ଧ୍ର ବେପାରୀଙ୍କ ଠାରୁ ଚାରା କିଣି ନିଜ ଗାଁ ଚିକିଟି ବ୍ଲକ୍ ମାଧବନ୍ଧ ଗ୍ରାମର ଏକ ବନ୍ଧହୁଡ଼ା ଓ ମନ୍ଦିର ଚାରିପଟେ ରୋପଣ କରିଥିଲେ । 'ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍' ଅନୁଷ୍ଠାନ ଜରିଆରେ ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ୍ କରି ଏହି ଅଭିଯାନକୁ ତ୍ୱରାନ୍ୱିତ କରିଥିଲେ । ୨୦୧୦ରେ ନିଜସ୍ୱ ଉଦ୍ୟମରେ 'ସବୁଜ ରଥ' ପରିକ୍ରମାର ଶୁଭାରମ୍ଭ କରି ଜିଲ୍ଲାର ଗାଁକୁ ଗାଁ ବୁଲି ଜନସାଧାରଣଙ୍କୁ ପଲିଥିନ୍ ଓ ପ୍ଲାଷ୍ଟିକମୁକ୍ତ ପରିବେଶ ଗଠନ ଏବଂ ବୃକ୍ଷରୋପଣ ଉପରେ ସଚେତନ କରାଇଥିଲେ । ୨୦୧୬ରେ ପିତାତଳି ପଞ୍ଚାୟତରେ 'ଗ୍ରାମ୍ୟ ଜଙ୍ଗଲ' ନାମରେ ଏକ ଅଭିନବ ପ୍ରୟାସ ହାତକୁ ନେଇଥିଲେ । ମାଧବନ୍ଧ, ପିତାତଳି ଓ ପଲସରା ଗାଁର ୨୫ ଏକର ପରିମିତ ଏକ ଅନୁର୍ବର ପଡ଼ିଆରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଥିଲେ । ରାଜମହେନ୍ଦ୍ରୀରୁ ଆମ୍ବ, ପଣସ, ନିମ୍ବ, ବର, ଅଶ୍ୱତଥ, କରଞ୍ଜ ଓ ରକ୍ତଚନ୍ଦନ ଭଳି ଚାରା ଆଣି ରୋପଣ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ସେଠାରେ ଜୈବିକ ସାର, ଖତ ଆଦି ପ୍ରୟୋଗ କରି ମାଟିର ଉର୍ବରତା ବୃଦ୍ଧି କରାଯାଇଥିଲା ।

ଏହାପରେ ଲଣ୍ଡା ପାହାଡ଼କୁ ସବୁଜମୟ କରିବାକୁ ମନସ୍ଥ କରିଥିଲେ ସୁଧୀର । ଗିରିସୋଲା ନିକଟରେ ଅନେକ ଦିନରୁ ରହିଥିବା ଏକ ଲଣ୍ଡା ପାହାଡ଼ରେ ବନୀକରଣ କରାଯାଇଥିଲା । ଟାଙ୍ଗରା ପାହାଡ଼ର ବିଭିନ୍ନ ସ୍ଥାନରେ ମାଟି ଖୋସି ବିଭିନ୍ନ କିସମର ପ୍ରାୟ ଦେଢ଼ ଲକ୍ଷ ମଞ୍ଜି ୧୦ ଜଣ ମୁଲିଆ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ



ପୋତାଯାଇଥିଲା । ବର୍ତ୍ତମାନ ସେହି ଲଣ୍ଡା ପାହାଡ଼ ଏକ ସବୁଜ ବନାନୀରେ ପରିଣତ ହେବା ସହିତ ଅନେକ ପଶୁପକ୍ଷୀ ଓ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି । ୨୦୧୮ରେ ଟାମଣା ପାଖ ପାଞ୍ଚ ଏକର ପରିମିତ ଏକ ଶ୍ମଶାନ ପଡ଼ିଆରେ ଫଳଗଛ ସମେତ ଚାରାରୋପଣ କରାଯାଇଥିଲା । ତାହା ଏବେ ଏକ ଘଞ୍ଚ ଗ୍ରାମ୍ୟ ଜଙ୍ଗଲ ଭାବେ ସୃଷ୍ଟି ହୋଇଛି । ଲଣ୍ଡା ପାହାଡ଼ରେ କରାଯାଇଥିବା ବନୀକରଣ ବିଷୟରେ ଅବଗତ ହେବାପରେ ଅମରକଣ୍ଟକ ଅଞ୍ଚଳର ନିର୍ମଦା ଓ ତାପ୍ତି ନଦୀ ଅବବାହିକାରେ ସିଡ୍‌ବଲ୍ ଜରିଆରେ ସଫଳ ବନୀକରଣ କରିଥିବା ଏକ ଅନୁଷ୍ଠାନ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍‌କୁ ସିଡ୍‌ବଲ୍ ତିଆରି ମେସିନ୍ ଉପହାର ଦେଇଥିଲେ । ସେହି ମେସିନ୍ ଜରିଆରେ ସିଡ୍‌ବଲ୍ ତିଆରି କରି ଆହୁରି ବିଭିନ୍ନ ପ୍ରାୟ ୧୫ଟି ପାହାଡ଼କୁ ସବୁଜମୟ କରିବା ଅଭିଯାନ ଜାରି ରଖିଛନ୍ତି ସୁଧୀର । ବାଳକୁମାରୀ, ପୋଡ଼ାପଦର, ସାହାସପୁର, ଚାଙ୍ଗୁଡ଼ିଦେଇ, ପାକିଡ଼ି ପର୍ବତମାଳାର କରଞ୍ଜେଇ, ହିଞ୍ଜିଳି, ଖଲ୍ଲିକୋଟର କରାଖୋଲ, ତାରାତାରିଣୀ, କଙ୍କିଆ, ଭାଲିଆଗଡ଼, ବାଣିଆମାରୀ, ରାମଚନ୍ଦ୍ରପଲ୍ଲୀ, ମହୁରୀ କାଲୁଆପାଖ ପାହାଡ଼, ପାକିଡ଼ିର ଗୋଟିଏ ପାହାଡ଼ରେ ସିଡ୍‌ବଲ୍ ସହ ପ୍ରାୟ ଲକ୍ଷାଧିକ ମଞ୍ଜି ଖୋସା ଯାଇଥିବା ସୁଧୀର କହିଛନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ପରିବେଶର ସନ୍ତୁଳନ ବିଗିଡ଼ିବାରେ ଲାଗିଛି । ଏଥିପାଇଁ ବୃକ୍ଷରୋପଣ ନିହାତି ଆବଶ୍ୟକ । ନହେଲେ ମଣିଷ ସମାଜ ଖୁବ୍‌ଶୀଘ୍ର ଲୋପ ପାଇଯିବା ଭଳି ପରିସ୍ଥିତି ସୃଷ୍ଟି ହେବ । ଏଣୁ ଭବିଷ୍ୟତ ପିଢ଼ିର ସୁରକ୍ଷା ପାଇଁ ସମସ୍ତେ ବୃକ୍ଷରୋପଣ ପ୍ରତି ଆଗେଇ ଆସନ୍ତୁ ବୋଲି ସୁଧୀର କହିଛନ୍ତି ।

# ନବରଙ୍ଗପୁରର ଅଧା ବ୍ଲକରେ ନାହିଁ ଡିଗ୍ରି କଲେଜ

ଭୁବନେଶ୍ୱର , ୦୨/୦୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲାର ଅଧା ବ୍ଲକରେ ନାହିଁ ଡିଗ୍ରି କଲେଜ । ଜିଲ୍ଲାର ମୋଟ ୧୦ଟି ବ୍ଲକ ମଧ୍ୟରୁ ୫ଟି ଯଥା ଉମରକୋଟ, ଡାବୁଗାଁ, ନବରଙ୍ଗପୁର, ପାରଳାଖେମୁଣ୍ଡି ଓ ଚନ୍ଦାହାଣ୍ଡିରେ ୯ଟି ଡିଗ୍ରି କଲେଜ ରହିଛି । ସେଥିମଧ୍ୟରୁ ୮ଟି ବେସରକାରୀ ଓ ଗୋଟିଏ ସରକାରୀ କଲେଜ । ଜିଲ୍ଲାରେ ନୂଆ କଲେଜ ଖୋଲିବା ଲାଗି ୨୦୨୨-୨୩ ଶିକ୍ଷାବର୍ଷରେ ୬ଟି ସଂସ୍ଥା ଉଚ୍ଚଶିକ୍ଷା ବିଭାଗ ନିକଟରେ ଆବେଦନ କରିଛନ୍ତି ।


ସେଥିମଧ୍ୟରେ ୫ଟି ଡିଗ୍ରି କଲେଜ ପାଇଁ ଥିବା ବେଳେ ଗୋଟିଏ ପ୍ରଫେସନାଲ କଲେଜ ରହିଛି । ଉକ୍ତ କଲେଜଗୁଡ଼ିକ ସେଲ୍ଫ ଫାଇନାନ୍ସିଂ ମୋଡ୍‌ରେ ଝରିଗାଁ, ରାୟଘର, କୋଷାଗୁମୁଡ଼ା ଓ ନବରଙ୍ଗପୁରରେ ଖୋଲିବା ଲାଗି ସଂସ୍ଥାଗୁଡ଼ିକ ଆଗ୍ରହ ପ୍ରକାଶ କରିଛନ୍ତି । ତେଣୁ ଜୟପୁର ଆଞ୍ଚଳିକ ଶିକ୍ଷା ଅଧିକାରୀ ଏଦିଗରେ ପଦକ୍ଷେପ ନେଇ କଲେଜଗୁଡ଼ିକର ଭିତ୍ତିଭୂମି ଯାଞ୍ଚ କରିବା ପରେ ଉଚ୍ଚସ୍ତରୀୟ କମିଟିରେ ଏବିଷୟରେ ଆଲୋଚନା କରାଯିବ । ଏହାପରେ ୨୦୨୩-୨୪ ଶିକ୍ଷାବର୍ଷରେ ଉକ୍ତ କଲେଜଗୁଡ଼ିକୁ ଅନୁମତି ମିଳିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

# ମାମା ରିକ୍ସାବାଲା : କୋଇଡ଼ା କଲେଜର ପ୍ରଥମ ବିନ୍ଧାଣୀ

କୋଇଡ଼ା , ୦୨/୦୧ (ନି.ପ୍ର): କୋଇଡ଼ାରେ ଏହି ୮୦ ବର୍ଷୀୟ ବୃଦ୍ଧ 'ମାମା ରିକ୍ସାବାଲା' ଭାବେ ପରିଚିତ । ତାଙ୍କ ନାଁ ଭୀମସେନ ସାମଲ । ଜୀବନସାରା ରିକ୍ସା ଓ ଟ୍ରଲି ଟାଣି ନିଜ ଓ ତାଙ୍କ ପରିବାର ଗୁଜୁରାଣ ଚଳାନ୍ତି 'ମାମା ରିକ୍ସାବାଲା' । ହେଲେ, ଏହି ସାଧାରଣ ମଣିଷଟିର ଅବଦାନ ଅସାଧାରଣ । କୋଇଡ଼ା ଅଞ୍ଚଳରେ ଉଚ୍ଚଶିକ୍ଷାର ଆଲୋକ ଜାଳିବା ପାଇଁ ସେ ଦେଇଥିଲେ ପ୍ରଥମ ଅନୁଦାନ । ଏବେ ତାହା ଏକମାତ୍ର ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ମୁଣ୍ଡ ଟେକିଛି । ଏହି ଶିକ୍ଷାନୁଷ୍ଠାନ ହେଉଛି 'କୋଇଡ଼ା କଲେଜ' ।

୧୯୯୧ ମସିହା ବେଳର କଥା । ସେତେବେଳେ କୋଇଡ଼ା ଥାନାରେ ଏଏସ୍‌ଆଇ ଥିଲେ ବିଜୟ କୁମାର ଖଣ୍ଡା । ସେ ବି ଥିଲେ ଶିକ୍ଷାପ୍ରେମୀ ମଣିଷ । କୋଇଡ଼ା ଅଞ୍ଚଳରେ କୌଣସି ଉଚ୍ଚଶିକ୍ଷାନୁଷ୍ଠାନ ନ ଥିବାରୁ ତାଙ୍କ ମନରେ କ୍ଷୋଭ ଥାଏ । ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସେ ଏକଥା କହିଥିଲେ । ସେ କହିଥିଲେ, କୋଇଡ଼ାରେ କଲେଜ ନ ଥିବାରୁ ଯାହାର ସମ୍ବଳ ଅଛି ସେମାନେ ଉଚ୍ଚଶିକ୍ଷା ପାଇଁ ରାଉରକେଲା ଓ କେନ୍ଦୁଝର ଯାଉଛନ୍ତି । ଯାହାର ନାହିଁ ସେ ଛାତ୍ରଛାତ୍ରୀ ଅଧାରୁ ପଢ଼ା ଛାଡୁଛନ୍ତି । ଏ ଦିଗରେ କିଛି କରିବା ଦରକାର ।' ଏହାପରେ କୋଇଡ଼ାର ମାନ୍ୟଗଣ୍ୟ ବ୍ୟକ୍ତି ଅଧିକ ବିଚାରବିମର୍ଶ ପାଇଁ ଏବେକାର କୋଇଡ଼ା ସାପ୍ତାହିକ ହାଟ ନିକଟରେ ଏକ ବୈଠକ କରିଥିଲେ । ବୈଠକ ଚାଲିଥିବାବେଳେ ସେ ବାଟେ ଯାଉଯାଉ ମାମା ରିକ୍ସାବାଲା ସେଇଠି ପହଞ୍ଚିଥିଲେ ।

ଏତେ ବିଶିଷ୍ଟବ୍ୟକ୍ତି ଗୋଟିଏ ସ୍ଥାନରେ ଏକାଠି ହୋଇ କ'ଣ ବିଚାର କରୁଛନ୍ତି ବୋଲି କୌତୂହଳୀ ହୋଇ ପଚାରି ଦେଇଥିଲେ । କଲେଜଟିଏ ନିର୍ମାଣ ପାଇଁ ଆଲୋଚନା ଚାଲିଛି ବୋଲି ବୈଠକରେ ବସିଥିବା ଜଣେ ବରିଷ୍ଠ ବ୍ୟକ୍ତି କହିଥିଲେ । ଏହାଶୁଣି ସେଠାରୁ ଚାଲି ଯାଇଥିଲେ ମାମା । ପ୍ରତିଦିନ ରିକ୍ସାରୁ ହେଉଥିବା ଉପାର୍ଜନରେ ପରିବାର ପୋଷଣ ପରେ ଗୋଟିଏ କୁମ୍ଭିରେ ଯେଉଁ ସାମାନ୍ୟ ସଞ୍ଚୟ କରିଥିଲେ, ସବୁତକ ଆଣି ସେଇ ବୈଠକରେ ଅଜାଡ଼ି ଦେଇଥିଲେ । କହିଥିଲେ,



'ଏ ମୋ ଜୀବନର ସଞ୍ଚୟ, ଯାହା ଅଛି ମୁଁ ଦେଉଛି । କୋଇଡ଼ାରେ କଲେଜ ନିର୍ମାଣ ହେଉ । ଆମଛୁଆ ପାଠ ନ ଛାଡ଼ନ୍ତୁ କି ବାହାରକୁ ନ ଯାନ୍ତୁ ।'

ଏହି ଘଟଣା ସେଠାରେ ଉପସ୍ଥିତ ସମସ୍ତଙ୍କୁ ଭାବବିହ୍ୱଳ କରି ଦେଇଥିଲା । ସେହି ପ୍ରଥମ ଅନୁଦାନକୁ ମିଶାଇ ଅନ୍ୟ ମାନ୍ୟଗଣ୍ୟ ଲୋକଙ୍କ ଦାନରେ କୋଇଡ଼ା କଲେଜର ଭିତ୍ତି ପଡ଼ିଥିଲା । ଏହାପରେ କଲେଜ ନିର୍ମାଣ ଆରମ୍ଭ ହୋଇଥିଲା ଓ ୧୯୯୨ ପରେ କଲେଜ ପ୍ରାରମ୍ଭ ହୋଇଥିଲା । ସେହି କଲେଜ ପରବର୍ତ୍ତୀ ସମୟରେ ସରକାରୀ ମାନ୍ୟତା ପାଇ ଆଜି କୋଇଡ଼ା କଲେଜ ନାମରେ ସଗର୍ବେ ଛିଡ଼ାହୋଇଛି । ମାମା ରିକ୍ସାବାଲା ଆଜି ୮୦ ବର୍ଷ ବୟସରେ ମଧ୍ୟ ରିକ୍ସା ହିଁ ଟାଣୁଛନ୍ତି । ସରକାରୀ ଭତ୍ତା ଓ ରାସନ ପାଉଛନ୍ତି । ହେଲେ ତାଙ୍କ ପରିବାର ମୁଣ୍ଡ ଗୁଞ୍ଜିବାକୁ ଜାଗାଖଣ୍ଡେ ନାହିଁ । ଆଜି ବି ପାହାଡ଼ିଆ ଅଞ୍ଚଳରେ ଝାଟିମାଟି ଘରକରି ସେ ପରିବାର ସହିତ ରହୁଛନ୍ତି । ପୁରାଣଯୁଗରେ ସେତୁବନ୍ଧ ନିର୍ମାଣରେ ସାମାନ୍ୟ ଅବଦାନ ପାଇଁ ଗୁଣ୍ଡୁଚିମୂଷାର କାହାଣୀ ଅମର ହୋଇଯିବା ପରି କୋଇଡ଼ା କଲେଜ ନିର୍ମାଣରେ ମାମାଙ୍କ ଅବଦାନ ବି ଏ ଅଞ୍ଚଳର ଲୋକଙ୍କ ପାଇଁ ଅଭୁଲା ହୋଇରହିବ ।

## ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୩ ତମ ଜନ୍ମ ଜୟନ୍ତୀ ପାଳିତ

ବଲାଙ୍ଗିର, ୦୨/୦୧ (ନି.ପ୍ର): ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୩ ତମ ଜନ୍ମ ଜୟନ୍ତୀ ଆଜି ଦିନ ୧୧ଟା ସମୟରେ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲର ସଭାଗୃହରେ ପୂଜ୍ୟପୂଜା ଅନୁଷ୍ଠାନ ଓ ପ୍ରଭାକର ରଥ ସ୍ମୃତି କମିଟି ଆନୁକୁଲ୍ୟରେ ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଜୟରାମ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ରାଜେନ୍ଦ୍ର କଲେଜ ଅଧକ୍ଷ ଅଭିମନ୍ୟୁ ମିଶ୍ର ମୁଖ୍ୟ ଅତିଥି, ଶିକ୍ଷାବିତ ସୁଶ୍ରୀ ମମତା ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ରଥଙ୍କ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସମାଜସେବା ପାଇଁ ସ୍ମାରକୀ ସମ୍ମାନରେ ଲୋକନାଥ କୁମରାଙ୍କୁ ସମ୍ମାନିତ କରାଯାଇଥିଲା । ଅଭିମନ୍ୟୁ ମିଶ୍ର, ସମ୍ପାଦକ ମଧୁସାହୁଙ୍କ ସମ୍ପାଦନାରେ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସଭାକୁ ସଂଯୋଜନା କରିଥିଲେ । ପ୍ରଭାକର ରଥ ସ୍ମୃତି କମିଟି, ପୂଜ୍ୟ ପୂଜା ଅନୁଷ୍ଠାନ ମୁଖ୍ୟ ସ୍ୱର୍ଗତ ରଥଙ୍କ ସୁପୁତ୍ର ମଦନମୋହନ ରଥ କାର୍ଯ୍ୟକ୍ରମର ଉଦ୍ୟୋକ୍ତା ଥିଲାବେଳେ ଶେଷରେ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୦ଜଣ ଶିକ୍ଷକ ବିନା କାରଣରେ ଦୀର୍ଘ ବର୍ଷ ଧରି ବିଦ୍ୟାଳୟରେ ଅନୁପସ୍ଥିତ ଥିବାରୁ ଚାକରିରୁ ହେଲେ ବହିଷ୍କାର

ମାଲକାନଗିରି, ୦୨/୦୧ (ନି.ପ୍ର): ଜିଲ୍ଲାରେ କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ୧୦ ଜଣ ଶିକ୍ଷକ ନିଜ କାର୍ଯ୍ୟରେ ଦୀର୍ଘ ଦିନ ଧରି ଅନୁପସ୍ଥିତ ରହିବା ଯୋଗୁଁ ସେମାନଙ୍କୁ ପ୍ରଥମେ କାରଣ ଦର୍ଶାଅ ନୋଟିସ ଜାରି କରିବା ପରେ ମଧ୍ୟ କୌଣସି ଉତର ନମିଳିବାରୁ ତାଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା କାର୍ଯ୍ୟରୁ ବହିଷ୍କାର କରିଛନ୍ତି । ବହିଷ୍କାର ହୋଇଥିବା ଶିକ୍ଷକ ମାନେ ହେଲେ ମାଲକାନଗିରି ଜିଲ୍ଲାର ସଦର ବ୍ଲକର ଏମଭି-୧ ନୂତନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନିଳିମା ଜେନା, ଭୀମାରାଙ୍ଗିନି ପିୟୁପିଏସର ରମେଶ ଚନ୍ଦ୍ର ନାୟକ, ବିଜାପଦର ୟୁପିଏସର ଅରୁଣା ରାଣୀ ବେଉରିଆ, ରାଉଲିଗୁଡା ପିୟୁପିଏସର ସଂତୋଷ କୁମାର ସ୍ୱାଇଁ, ବିଜାପଦର ୟୁପିଏସର ଜସମିନ ଦାସ, ଏମଭି-୮୪ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ଦେବଶ୍ରୀ ବେହେରା କାଲିମେଳା ବ୍ଲକର ଏମଭି-୯୦ ୟୁପିଏସର ଶିକ୍ଷୟତ୍ରୀ ସାବିତ୍ରୀ ପାତ୍ର, ନାଲାଗୁଣ୍ଡି ପିୟୁପିଏସର ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ସୁତାର, ଜନ୍ତୁରାଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରଂଜନ କୁମାର ବେହେରା ଏବଂ ମାଥିଲି ବ୍ଲକର ମେଣ୍ଟକୁଲି ୟୁପିଏସର ଶିକ୍ଷୟତ୍ରୀ ସସ୍ମିତା ସାହୁ ଦୀର୍ଘ ଦିନ ଧରି ନିଜ ସ୍କୁଲରେ କୌଣସି କାରଣ ନଦର୍ଶାଇ ଅନୁପସ୍ଥିତ ରହିଥିଲେ ।

# ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ବାଇକ୍ ରେସର ଅଭିଜିତ

ରସୁଲପୁର , ୦୨/୦୧ (ନି.ପ୍ର): ମୋବାଇଲ ପରଦାରେ ବାଇକ୍ ରେସିଂ ଗେମ୍ ଖେଳିବାରେ ଯଦି ଏତେ ମଜା, ତେବେ ଟ୍ରାକ୍‌ରେ ସତ ବାଇକ୍ ଦୌଡ଼ାଇବାରେ କେତେ ମଜା ନଆସିବ ମଟର ସାଇକେଲ୍ ରେସିଂ ପରି ଏକ ଦୁଃସାହସିକ ତଥା ବ୍ୟୟବହୁଳ କ୍ରୀଡ଼ାରେ ଭାଗନେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରୀ ଅଭିଜିତ ଏବେ ଚର୍ଚ୍ଚା । ଏଭଳି ଏକ ଅଣପାରମ୍ପରିକ କ୍ଷେତ୍ରରେ ପାଦଦେଇ ନୂତନ ସମ୍ଭାବନା ସୃଷ୍ଟି କରିଥିବା ଅଭିଜିତ ସାହୁଙ୍କ ଘର ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ନରସିଂହପୁର ପଞ୍ଚାୟତ ଜିତିପୁର ଗ୍ରାମରେ । ଡାକ ନାମ ପିଙ୍କୁନ୍ । ବାପା ବିଦ୍ୟାଧର ସାହୁ ଓ ମା' ଉର୍ମିଳା ସାହୁଙ୍କ ସାନପୁଅ ଅଭିଜିତଙ୍କ ବୟସ ମାତ୍ର ୨୧ ବର୍ଷ । ମାତ୍ର ୧୯ ବର୍ଷ ବୟସରେ ସେ ତାଲିମ ନେଇ ବାଇକ୍ ରେସିଂ ପ୍ରତିଯୋଗିତାରେ ଭାଗନେଇ ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡର ଅଧିକାରୀ ହୋଇ ପାରିଛନ୍ତି ।

ସଂପ୍ରତି ସେ ଗୁଣପୁର ଇଞ୍ଜିନିୟରିଂ କଲେଜରେ ବି.ଟେକ୍ (କମ୍ପ୍ୟୁଟର ସାଇନ୍‌ସ) ଶେଷବର୍ଷର ଛାତ୍ର । ୨୦୨୦ ଜୁନ୍ ମାସରେ ନିଜ କଲେଜର ଜଣେ ଶିକ୍ଷକଙ୍କ ସଂସ୍ପର୍ଶରେ ଆସିବା ପରେ ବାଇକ୍ ରେସିଂ ପାଇଁ ତାଙ୍କର ଆଗ୍ରହ ବଢ଼ିଥିଲା । ଏଥିପାଇଁ ଘରେ ବାପାମା'ଙ୍କୁ ରାଜି କରାଇବା ତାଙ୍କ ପାଇଁ କଠିନ କାମ ଥିଲା । ଏହି ସମୟରେ କରୋନା ଆସିବା ସହ ସାରା ଦେଶରେ ଲକ୍‌ଡାଉନ୍ ହୋଇଗଲା । ଏହି ସମୟରେ ସେ ବାପାମା'ଙ୍କୁ ବୁଝାଇବାରେ ସଫଳ ହୋଇଥିଲେ । ପରେ ୨୦୨୧ ଅକ୍ଟୋବର ମାସରେ ବେଙ୍ଗାଲୁରୁ ସହରର ଆରୁଆଣି ଗ୍ରୀଡ୍ ସ୍ଥିତ ୪୪ ସ୍କୁଲ୍ ଅଫ୍ ରେସିଂରେ ତାଲିମ୍ ନେଇଥିଲେ । ଚଳିତ ବର୍ଷ ଜୁନରେ ଅଭିଜିତ୍ ତାଙ୍କର ପ୍ରଥମ







ପ୍ରତିଯୋଗିତାରେ ଭାଗ ନେଇଥିଲେ । କୋଏମ୍ବାଟୁର ଠାରେ ଅନୁଷ୍ଠିତ ଜୁନିଅର୍ ନ୍ୟାସନାଲ୍ ମୋଟର ସାଇକଲ୍ ରେସିଂ ସିରିଜ୍-୨୦୨୨ ରେ ଭାଗନେଇ ସପ୍ତମ ସ୍ଥାନ ହାସଲ କରିଥିଲେ । ପର ମାସରେ ଭୁବନେଶ୍ୱରଠାରେ ହୋଇଥିବା ହିରୋ ଡାର୍ଟ ବାଇକିଂ ଚ୍ୟାଲେଞ୍ଜ ଷ୍ଟେଜ୍-୨ରେ ଚାମ୍ପିଅନ୍ ହୋଇଥିଲେ । ସେହି ମାସରେ କୋଲକାତାଠାରେ ଅନୁଷ୍ଠିତ ଷ୍ଟେଜ୍-୩ ପ୍ରତିଯୋଗିତାରେ ୧୨ତମ ସ୍ଥାନ ହାସଲ କରିଥିଲେ । ଆଗକୁ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଆସନ୍ତା ଫେବ୍ରୁଆରି ମାସରେ ଭାରତର ସ୍ୱର୍ଣ୍ଣ ଚତୁର୍ଭୁଜ କୁହାଯାଉଥିବା ୪ଟି ମେଟ୍ରୋ ସହର କୋଲକାତା, ଦିଲ୍ଲୀ, ମୁମ୍ବାଇ ଓ ଚେନ୍ନାଇକୁ ବାଇକ୍ ଯୋଗେ ପରିକ୍ରମା କରିବେ । ଭୁବନେଶ୍ୱରରୁ ବାହାରି ମାତ୍ର ୮୦ ଘଣ୍ଟା ମଧ୍ୟରେ ୬୦୪୫ କିଲୋମିଟର ଅତିକ୍ରମ କରିପାରିଲେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସାମିଲ କରିପାରିବେ ବୋଲି ଜଣାଇଛନ୍ତି । ଏଥିପାଇଁ ଅଭିଜିତ୍ ଖୁବ୍ ଉତ୍ସାହିତ ଅଛନ୍ତି । ତାଙ୍କର ଆତ୍ମବିଶ୍ୱାସ ମଧ୍ୟ ଉଚ୍ଚ ରହିଛି ।

# ସରକାରୀ ଯୋଜନାରୁ ବଂଚିତ ଗୋଲମୁଣ୍ଡା

ଚମ୍ପୁଆ, ୦୨/୦୧ (ନି.ପ୍ର): ଓଡ଼ିଶାର ଧନୀ ଜିଲ୍ଲା କେନ୍ଦୁଝର ଏବଂ ଜିଲ୍ଲାର ବିତଶାଳୀ ଉପଖଣ୍ଡ ଚମ୍ପୁଆରେ ସରକାରଙ୍କ ଯୋଜନା ଉପରେ ଯୋଜନା ବାରମ୍ବାର ବିଫଳ ହେଉଥିବା ଦେଖିବାକୁ ମିଳିଛି । ଯାହାର ଜ୍ୱଳନ୍ତ ଉଦାହରଣ ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଖଣ୍ଡସ୍ଥ ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ରଜିଆ ଗ୍ରାମପଂଚାୟତ ଅଧିନସ୍ଥ କଂଚନପୁର ଗ୍ରାମର ଭୂମିଜ ସାହିରେ ରହିଥିବା ଭିନ୍ନକ୍ଷମ ଗୋଲ ମୁଣ୍ଡା, ବୟସ- ପ୍ରାୟ ୧୭ ବର୍ଷ, ପିତା ସ୍ୱର୍ଗତ ସୂର୍ଯ୍ୟ ମୁଣ୍ଡା, ମାତା ସ୍ୱର୍ଗତ ଲେମ ମୁଣ୍ଡା, (ଗ୍ରାମ - କାସିଆ )। ଛୋଟ ବୟସରୁ ନିଜ ପିତା ମାତାଙ୍କ ଅକାଳ ବିୟୋଗ ପରେ ତାଙ୍କ ଭଉଣୀ,ଭିଣେଇ ଆଣି ନିଜ ଘରେ ଆଶ୍ରୟ ଦେଇଥିଲେ କ୍ଷ ପୂର୍ବରୁ ରଜିଆ ପଂଚାୟତ ରେ ତାକୁ ଭିନ୍ନକ୍ଷମ ଭତା ପ୍ରଦାନ କରାଯାଉଥିଲା ମାତ୍ର ବିଗତ ପ୍ରାୟ ୪ ବର୍ଷ ହେବ ଭତା ବନ୍ଦ କରିଦିଆଯାଇଥିବାରୁ ସେ ମର୍ମାହତ ହୋଇ ପଡିଛି । ତାଙ୍କ ଭିଣେଇ ଡିବୁରୁ ମୁଣ୍ଡା ଜଣେ ଦିନ ମଜୁରିଆ ହୋଇଥିବାରୁ ବଡ଼ କଷ୍ଟରେ ପରିବାର ଚଳଉ ଥିବାବେଳେ ଗୋଲ ମୁଣ୍ଡାର ଭଲମନ୍ଦ ବୁଝିବା ଅସମ୍ଭବ ହୋଇ ପଡିଛି । ଯାହାଦ୍ୱାରା ଗୋଲକୁ ବାରଦ୍ୱାର ଶୁଣ୍ଠୀପିଣ୍ଡା ହେବାକୁ ପଡୁଛି । କଂଚନପୁର ଛକରେ ଥିବା ଦୋକାନୀ ମାନେ ଦଶ, କୋଡିଏ ଟଙ୍କା ଦେଇ ଚଳେଇ ଆସୁଥିବାବେଳେ ଦୈନିକ ତାକୁ ପେଟ ଚାଖଣ୍ଡକ ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ମଧ୍ୟ ନା ପଡୁଛି ବିତଶାଳୀ ନେତାଙ୍କ ନଜର ନା ପଡୁଛି ଧନୀ ଜିଲ୍ଲା ପ୍ରଶାସନର ନଜର । ସରକାରୀ ଉଦାସୀନତା ଯୋଗୁଁ ଖାଦ୍ୟ ସୁରକ୍ଷା ଆଇନର ଖୋଲା ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି । ଏଥିପାଇଁ ବ୍ଲକ୍ ପ୍ରଶାସନ କିମ୍ବା ପଂଚାୟତ ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ପିତୃମାତୃ ହୀନ ଛେଉଣ୍ଡ ଗୋଲର ଥଇଥାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଗ୍ରାମବାସୀ ତଥା ସେ ନିଜେ ଅଭିଯୋଗ କରିଛନ୍ତି । ତେବେ ଜଣେ ଭିନ୍ନକ୍ଷମ ମଣିଷର ମିଳୁଥିବା ଭତା ବନ୍ଦ କରିବା, ରାସନ କାର୍ଡ ନ ହେବା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ସାମିଲ ନ କରିବା ନିଶ୍ଚିତ ଭାବରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ବିଭିନ୍ନ ଯାଗାରେ,ଗ୍ରାମ, ପଂଚାୟତ ତଥା ବ୍ଲକ୍ ଓ ଜିଲ୍ଲା ସ୍ତରରେ ଭିନ୍ନକ୍ଷମ ଚ଼ିହ୍ନଟ ଶିବିର ଅନୁଷ୍ଠିତ ହେଉଥିଲେ ମଧ୍ୟ ବାସ୍ତବ ହିତାଧିକାରୀ ସେଥିରୁ ବାଦ ପଡୁଥିବା ଦେଖିବାକୁ ମିଳୁଛି । ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣ ରେ ଦାବୀ ହେଉଛି ।

# କେଉଁଠାରୁ ଏବଂ କିପରି ହୋଇଥିଲା ଶିବଲିଙ୍ଗର ଉତ୍ପତ୍ତି ?

## ଜାଣନ୍ତୁ ଭଗବାନ ଶିବଙ୍କ ସହ ଜଡିତ ଏହି ରହସ୍ୟ



ହିନ୍ଦୁ ଧର୍ମରେ କାଇଁ କେଉଁ କାଳରୁ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଗଭିର ସମ୍ପର୍କ ରହି ଆସିଛି । ଯାହାଫଳରେ ଭକ୍ତ ସର୍ବଦା ଭଗବାନଙ୍କ ଅଲୌକିକ ଗାଥା ଏବଂ ତାଙ୍କର ବିଭିନ୍ନ ରହସ୍ୟ ବିଷୟରେ ଜାଣିବାକୁ ଇଚ୍ଛା ପ୍ରକାଶ କରେ । ତେବେ ଆମେ ଆଜି ଆପଣଙ୍କ ଭଗବାନ ଶିବଙ୍କ ଲିଙ୍ଗ ରୂପ କିପରି ଏବଂ କେଉଁଠୁ ଉତ୍ପତ୍ତି ହୋଇଥିଲା ସେହି ବିଷୟରେ ଜଣାଇବାକୁ ଯାଉଛୁ । ଯାହାକି ଅନେକ ଭକ୍ତମନରେ ଏକ ପ୍ରଶ୍ନବାଚି ସୃଷ୍ଟି କରେ । ବର୍ତ୍ତମାନ ଆସନ୍ତୁ ଜାଣିବା ଭାଗବାନ ଶିବଙ୍କ ସହ ଜଡିତ କିଛି ରହସ୍ୟ ବିଷୟରେ...



### କପିର ହୋଇଥିଲା ଶିବ ଲିଙ୍ଗର ଉତ୍ପତ୍ତି :

ହିନ୍ଦୁ ଧର୍ମରେ ଭଗବାନ ଶିବ ଏବଂ ଶିବଲିଙ୍ଗଙ୍କ ମୂର୍ତ୍ତି ପୂଜା କରିବାର ଏକ ନିୟମ ଅଛି । କୁହାଯାଏ ଯେ ଯଦି କୌଣସି ଭକ୍ତ ଭଗବାନ ଶିବଙ୍କୁ ପ୍ରକୃତ ଭକ୍ତି ସହିତ ପୂଜା , ଆରାଧନା କରେ ତାଙ୍କର ସମସ୍ତ ଇଚ୍ଛା ପୂରଣ ହୁଏ । ଏଥିସହିତ ସେମାନଙ୍କୁ ସ୍ୱର୍ଗ ପ୍ରାପ୍ତି ହୋଇଥାଏ । ସେହିପରି ଧାର୍ମିକ ଶାସ୍ତ୍ରରେ ମଧ ଶିବଲିଙ୍ଗଙ୍କ ମହତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାକି ଭଗବାନ ଶିବଙ୍କ ଏକ ରହସ୍ୟ ସହ ଜଡିତ । ତେବେ କିମ୍ବଦନ୍ତୀ ଅନୁଯାୟୀ, ବ୍ରହ୍ମାଣ୍ଡ ସୃଷ୍ଟି ହେବା ପରେ ଭଗବାନ ବିଷ୍ଣୁ ଏବଂ ବ୍ରହ୍ମାଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଉଭୟ ନିଜକୁ ସବୁଠାରୁ ଶକ୍ତିଶାଳୀ ବୋଲି ପ୍ରମାଣ କରିବାରେ ବ୍ୟସ୍ତ ଥିଲେ । ଫଳରେ ସଂସାରର ସନ୍ତୁଳନ ବିଗିଡିବାର ଲାଗିଲା । ଯାହାକୁ ଦେଖି ଭଗବାନ ଶିବ ଏକ ଉପାୟ ଚିନ୍ତା କଲେ ଏବଂ ଠିକ୍ ସମୟରେ ଆକାଶରେ ଏକ ଉଜ୍ଜ୍ୱଳ ପଥର ସୃଷ୍ଟି କଲେ । ଏଥିସହିତ ଏକ ଶୂନ୍ୟବାଣୀ ହେଲା ଯେ ଯିଏ ଏହି ପଥରର ଅନ୍ତ ପାଇବ ସେ ଅଧିକ ଶକ୍ତିଶାଳୀ ବିବେଚିତ ହେବ । ବିଶ୍ୱାସ କରାଯାଏ ଯେ ସେହି ପଥରଟି ଶିବଲିଙ୍ଗ ଥିଲା ।

ତେବେ ଏହି ଶୂନ୍ୟବାଣୀ ପରେ ପଥର ଅନ୍ତ ଖୋଜିବା ପାଇଁ ଉଭୟ ଦେବତା ବ୍ରହ୍ମା ଏବଂ ବିଷ୍ଣୁ ଜଣେ ସ୍ୱର୍ଗ ଏବଂ ଜଣେ ମର୍ତ୍ତ୍ୟରେ ପହଞ୍ଚିଲେ । କିନ୍ତୁ ସମସ୍ତ ପ୍ରୟାସ ପରେ ମଧ ସେହି ପଥରର ଅନ୍ତ ପାଇ ପାରିଲେ ନାହିଁ । ଫଳରେ ଶେଷରେ ବାଧ ହୋଇ ଭଗବାନ ବିଷ୍ଣୁ ପରାଜୟ ଗ୍ରହଣ କଲେ । କିନ୍ତୁ ଭଗବାନ ବ୍ରହ୍ମା ନିଜର ପରାଜୟ ସ୍ୱିକାର କରିବା ପରିବର୍ତ୍ତେ ସେ ପଥରର ଅନ୍ତ ପାଇଛନ୍ତି ବୋଲି ଘୋଷଣା କଲେ । କିନ୍ତୁ ଏହି ସମୟରେ ଆକାଶରୁ ପୁଣି ଏକ ଶୂନ୍ୟବାଣୀ ହେଲା, ଯେଉଁଥିରେ ଶୁଣିବାକୁ ମିଳିଲା ଯେ ମୁଁ ଶିବଲିଙ୍ଗ ଅଟେ । ମୋର ଆରମ୍ଭ ନାହିଁ କି ଅନ୍ତ ମଧ ନାହିଁ । ଏହାପରେ ଭଗବାନ ଶିବ ମଧ ସେଠାରେ ଆବିର୍ଭାବ ହେଲେ ଏବଂ କହିଲେ ଯେ ଏହି ପଥର ହେଉଛି ମୋର ଏକ ଅଂଶ ଯାହାକୁ ସାରା ବ୍ରହ୍ମାଣ୍ଡରେ ଶିବଲିଙ୍ଗ ଭାବରେ ପୂଜା କରାଯିବ । ସେବେଠାରୁ ବ୍ରହ୍ମାଣ୍ଡରେ ଏହି ପଥରକୁ ଶିବଲିଙ୍ଗ ଭାବରେ ପୂଜା କରାଯାଏ ।

### ଶିବଲିଙ୍ଗର ଅର୍ଥ :

ପୌରାଣିକ ଗାଥା ଅନୁସାରେ ଶିବଲିଙ୍ଗ ଦୁଇଟି ଶବ୍ଦରେ ତିଆରି ହୋଇଛି, ଶିବ ଏବଂ ଲିଙ୍ଗ । ତେବେ ଶିବର ଅର୍ଥ କଲ୍ୟାଣ ହୋଇଥିବା ବେଳେ ଲିଙ୍ଗର ଅର୍ଥ ଯାହାର ଅର୍ଥ ସୃଷ୍ଟି ବୋଲି ବିଶ୍ୱାସ ରହିଛି । ତେବେ ଏହି ଶିବ ଲିଙ୍ଗ ଦୁଇ ପ୍ରକାର ଗୋଟିଏ ହେଉଛି ଜ୍ୟୋତିର୍ଲିଙ୍ଗ ଏବଂ ଅନ୍ୟଟି ହେଉଛି ପାରଦ ଶିବ ଲିଙ୍ଗ । ତେବେ ଏହି ଜ୍ୟୋତିର୍ଲିଙ୍ଗକୁ ସମଗ୍ର ସମଗ୍ର ବ୍ରହ୍ମାଣ୍ଡର ପ୍ରତୀକ ଭାବରେ ବିବେଚନା କରାଯାଏ । କୁହାଯାଏ ଯେ ଏହି ଶିବଲିଙ୍ଗ ଜଳ, ବାୟୁ, ଆକାଶ, ପୃଥିବୀ, ମାୟା, ଚିନ୍ତା, ଭାବନା, ବ୍ରହ୍ମ, ଜୀବ, ବୁଦ୍ଧି ଆଦୁ ସୃଷ୍ଟି ହୋଇଛି ।

# ଘରେ କାହିଁକି ରଖନ୍ତି ନାହିଁ ଶନି ଦେବଙ୍କ ପ୍ରତିମୂର୍ତ୍ତି: ଜାଣନ୍ତୁ ଏହା ପଛର କାରଣ




ହିନ୍ଦୁ ଧର୍ମରେ ପ୍ରତ୍ୟେକ ଦେବା ଦେବୀଙ୍କର ଏକ ସତନ୍ତ୍ର ମହତ୍ୱ ଏବଂ ଗୁରୁତ୍ୱ ରହିଥାଏ । ଯାହାକି ସେମାନଙ୍କୁ ଅନ୍ୟ ଦେବତାମାନଙ୍କ ଠାରୁ ଭିନ୍ନ କରେ । ତେବେ ଶନିଙ୍କୁ ନ୍ୟାୟର ଦେବତା କୁହାଯାଏ । ଏଥିସହିତ ତାଙ୍କ କୋପ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ଏବଂ ତାଙ୍କ ଆର୍ଶିବାଦ ଲାଭ କରିବା ପାଇଁ ତାଙ୍କୁ ପୂଜା ମଧ କରାଯାଏ । ତେବେ କିଛି ଲୋକଙ୍କ ପାଇଁ ଭଗବାନ ଶନି ଶୁଭ ହୋଇଥାନ୍ତି ତ କିଛି ଲୋକଙ୍କ ପାଇଁ ସେ ଅଶୁଭ ହୋଇଥାନ୍ତି । ଏଥିସହିତ ଶନିଙ୍କ ପ୍ରତିମୂର୍ତ୍ତିକୁ ମଧ ଘରେ ରଖାଯାଏ ନାହିଁ କି ପୂଜା କରାଯାଏ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହା ପଛରେ କଣ ରହିଛି କାରଣ ।

ଘରେ କାହିଁକି ରଖନ୍ତି ନାହିଁ ଶନିଙ୍କ ମୂର୍ତ୍ତି : ଶାସ୍ତ୍ର ଅନୁସାରେ ଶନିଦେବଙ୍କୁ ଘରେ ରଖିବା ଦ୍ୱାରା ଶନିଦେବଙ୍କ ସିଧା ଦୃଷ୍ଟ ଘର ଉପରେ ପଡିଥାଏ । ମାନ୍ୟତା ଅନୁସାରେ ଶନିଙ୍କ ସିଧା ଦୃଷ୍ଟି ବହୁତ ଅଶୁଭ ହୋଇଥାଏ । ଫଳରେ ଘରେ ଅଶାନ୍ତି ଏବଂ ସମସ୍ୟା ଲାଗି ରୁହେ । ତେଣୁ ଶନିଦେବଙ୍କ ପ୍ରତିମୂର୍ତ୍ତି ଘରେ ରଖିବା ଶୁଭ ହୋଇ ନଥାଏ । ଏଥିସହିତ ଶନିଦେବଙ୍କୁ ଘରେ ନ ରଖିବାର ପୌରାଣିକ କାରଣ ମଧ ରହିଛି ।

ତେବେ ପୌରାଣିକ ଶାସ୍ତ୍ର ଅନୁସାରେ, ଶନିଦେବଙ୍କୁ ତାଙ୍କ ପତ୍ନି ଅଭିଶାପ ଦେଇଥିଲେ । ଥରେ ଶନିଦେବ ଧ୍ୟାନରେ ଥିବା ବେଳେ ତାଙ୍କୁ ପତ୍ନି ଧ୍ୟାନ ଭଗ୍ନ କରିବାକୁ ପ୍ରୟାଶ କରିଥିଲେ । କିନ୍ତୁ ସବୁ ପରେ ମଧ ଶନିଦେବଙ୍କ ଧ୍ୟାନ ଭାଙ୍ଗି ନଥିଲା । ଫଳରେ ଶନିଙ୍କ ପତ୍ନି ରାଗିଯାଇ ଶନିଦେବଙ୍କୁ ଅଭିଶାପ ଦେଇଥିଲେ । ସେ କହିଥିଲେ ଯିଏ ବି ଶନିଙ୍କୁ ଦେଖିବା କିମ୍ବା ଯାହା ଉପରେ ଶନିଙ୍କ ସିଧା ଦୃଷ୍ଟି ପଡିବ ସେମାନଙ୍କ ଜୀବନରେ ସମସ୍ୟା ସୃଷ୍ଟି ହେବ । ତେଣୁ ଏହି କାରଣରୁ ଶନିଙ୍କୁ ଘରେ ରଖି ପୂଜା କରାଯାଏ ନାହିଁ ।

# ଭାଇରସ ନା ବ୍ୟାକ୍ଟେରିଆ : କିଏ ବେଶୀ ଭୟଙ୍କର

## କିଏ ପ୍ରଥମେ ଏ ଦୁନିଆକୁ ଆସିଥିଲା ?




ଗତ ତିନି ବର୍ଷ ଧରି ସାରା ବିଶ୍ୱବାସୀଙ୍କ ମୁହଁରେ କେବଳ ଗୋଟିଏ ଶବ୍ଦ ‘ଭାଇରସ’ । କରୋନା ଦୀର୍ଘଦିନ ଧରି ଲୋକଙ୍କୁ ସଂକ୍ରମିତ କରିଆସୁଥିଲେ ହେଁ ବୈଜ୍ଞାନିକମାନେ ଏହାଠାରୁ କାହିଁ କେତେଗୁଣରେ ଭୟଙ୍କର ଭାଇରସ ଓ ବ୍ୟାକ୍ଟେରିଆର ସନ୍ଧାନ ପାଇଛନ୍ତି । ତେବେ କିଏ ପ୍ରଥମେ ଆସିଥିଲା ଭାଇରସ ନା ବ୍ୟାକ୍ଟେରିଆ । ଏହି ପ୍ରଶ୍ନକୁ ନେଇ ଯେ କେହି ବି ବିଭ୍ରାନ୍ତ ହେବା ସ୍ୱାଭାବିକ ।

ପ୍ରଥମେ କୁକୁଡ଼ା ନା ଅଣ୍ଡା ଆସିଥିଲା ପ୍ରଶ୍ନ ପରି ଏହି ଭାଇରସ-ବ୍ୟାକ୍ଟେରିଆ ପ୍ରଶ୍ନ ମଧ ସମସ୍ତଙ୍କ ମନକୁ ଗଭୀର ଭାବେ ଆନ୍ଦୋଳିତ କରୁଛି । ଉଭୟ ଭାଇରସ ଓ ବ୍ୟାକ୍ଟେରିଆ ମଣିଷ ପାଇଁ ଭୟଙ୍କର ସାବ୍ୟସ୍ତ ହୋଇଥାନ୍ତି । ଭାଇରସମାନେ ଅନ୍ୟ ସୂକ୍ଷ୍ମଜୀବଙ୍କଠାରୁ ଭିନ୍ନ ହୋଇଥାନ୍ତି । ଏମାନେ ନିଜର କ୍ଲୋନ ସୃଷ୍ଟି କରିବା ସହିତ ସଂକ୍ରମଣ ବଢ଼ାଇବାରେ ଏମାନଙ୍କର ବଡ଼ ଭୂମିକା ରହିଥାଏ । ନିଜର ଜେନେଟିକ ମ୍ୟାଟେରିଆର ସହାୟତାରେ ଭାଇରସ ଏପରି କରିବାକୁ ସକ୍ଷମ ହୋଇଥାଏ ।

ଏକ ରିପୋର୍ଟ ମୁତାବକ, ଭାଇରସ ଓ ବ୍ୟାକ୍ଟେରିଆର ସଠିକ୍ ବୟସର ଆକଳନ କରିବା ବଡ଼ ମୁସ୍କିଲ କାର୍ଯ୍ୟ । ବର୍ତ୍ତମାନ ସୁଦ୍ଧା ଏ ବାବଦରେ ସଠିକ୍ ତଥ୍ୟ ମିଳିପାରିନଥିଲେ ହେଁ ବ୍ୟାକ୍ଟେରିଆ ଓ ଅନ୍ୟ ସୂକ୍ଷ୍ମଜୀବ ପୂର୍ବରୁ ଭାଇରସ୍ ଏ ଦୁନିଆକୁ ଆସିଥିବା ସ୍ପଷ୍ଟ ହୋଇଛି । ବୈଜ୍ଞାନିକଙ୍କ ମତରେ, ଅଧିକାଂଶ ଭାଇରସ ଆରଏନଏ ସହିତ ମିଶି ତିଆରି ହୋଇଥାନ୍ତି । ଏପରି ସ୍ଥଳେ ଭାଇରସକୁ ଜୀବିତ ବା ମୃତ ଭାବେ ଗ୍ରହଣ କରାଯିବ ତାହା ମଧ ଆଉ ଏକ ବଡ଼ ପ୍ରଶ୍ନ । ଯେଉଁ ଜିନିଷର ବିକାଶ ହେଉଥିବ, ସଂଖ୍ୟାର ବୃଦ୍ଧି ପାଉଥିବ, ଶରୀରର ସନ୍ତୁଳନ ରକ୍ଷା ସମ୍ଭବ ହେଉଥିବ ତାହାକୁ ଜୀବିତ ଭାବେ ଗ୍ରହଣ କରାଯିବ ବୋଲି ବିଜ୍ଞାନରେ ନିୟମ ରହିଛି ।

କରୋନା ଲଗାତାର ନିଜର ସଂଖ୍ୟା ବୃଦ୍ଧି କରାଉଛି, ତେଣୁ ତାହାକୁ ଜୀବିତ ଭାବେ ଗ୍ରହଣ କରାଯାଉଛି । ଏହା ମଣିଷ ଶରୀରରେ ପହଞ୍ଚି ଦ୍ରୁତ ଭାବେ ନିଜର ସଂଖ୍ୟା ବଢ଼ାଇଥାଏ । ତେଣୁ ବେଳକୁ ବେଳ ବୀମାର ଗମ୍ଭୀର ରୂପ ଧାରଣ କରିବା ସହିତ ଭାଇରସ ସମୟ ସହିତ ନୂଆ ନୂଆ ଭାରିଆଣ୍ଟ ନିର୍ମାଣ କରିଥାଏ । ତେବେ ତୁଳନାତ୍ମକ ଭାବେ ଭାଇରସ ବ୍ୟାକ୍ଟେରିଆ ତୁଳନାରେ ଅଧିକ ଭୟଙ୍କର ବୋଲି କୁହାଯାଏ ।

# ଶରୀର ଘୋଳାବିନ୍ଧା ହେଉଛି କି ?



ଆଜିକାଲି ବ୍ୟସ୍ତ ବହୁଳ ଜୀବନଶୈଳୀ ହେତୁ ଶରୀର ଘୋଳାବିନ୍ଧା ହେବା ଏକ ସାଧାରଣ ସମସ୍ୟା ପାଲଟିଗଲାଣି । କେବଳ ବୟସ୍କ ନୁହଁନ୍ତି, ଅଳ୍ପ ବୟସର ପିଲାଙ୍କ ଭିତରେ ବି ଏହି ସମସ୍ୟା ଦେଖା ଦେଲାଣି । ଏହା କୌଣସି ପ୍ରକାରର ରୋଗ ନୁହେଁ । ତେଣୁ, ଆୟତ୍ତ ବାହାରର ଯନ୍ତ୍ରଣା ନହେଲେ

## ବିନା ଔଷଧରେ ଏପରି ପାଆନ୍ତୁ ଉପଶମ

ଔଷଧଠାରୁ ନିଜ ଶରୀରକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ତେବେ ଚାଲନ୍ତୁ ଜାଣିବା ବିନା ଔଷଧ ଖାଇ କିପରି ଭାବେ ଦେହ ଘୋଳାବିନ୍ଧାକୁ ଦୂରେଇ ହେବ ।


◆ ନିଜର ଦେହର ପୀଡ଼ା ମାରିବା ପାଇଁ ନାଲି ଚା’ ଅବ୍ୟର୍ଥ ଔଷଧ ପରି କାମ କରେ । ଆପଣ ସେହି ନାଲି ଚା’ରେ ଗୋଲମରିଚ ଓ ଅଦା ପକାଇ ପିଅନ୍ତୁ । ଦେଖିବେ ଆପଣ ଏହାକୁ ପିଇବା ପରେ ଆପଣଙ୍କ ଶରୀରର ପୀଡ଼ା କୁଆଡ଼େ ଦୂରେଇ ଯିବ ।

◆ ଆପଣ ଷ୍ଟିମ୍ ନେଇ କରି ମଧ ନିଜ ଶରୀରର ପୀଡ଼ା ଦୂର କରିପାରିବେ । ଗରମ ପାଣି କରି ସେଥିରେ କିଛି ମେଥୋ ବାମ୍ ମିଶ୍ରଣ କରନ୍ତୁ । ସେହି ମେଥୋ ବାମ୍ ପଡ଼ିଥିବା ଗରମ ପାଣି ସାମ୍ନାରେ ମୁହଁ ରଖି ଜୋର ଜୋର ନିଶ୍ୱାସ ନିଅନ୍ତୁ । ଏହା ଦ୍ୱାରା ଆପଣଙ୍କୁ ଉପଶମ ମିଳିବ ।

◆ ଏହା ବ୍ୟତୀତ ଆଜିକାଲି ବଜାରରେ ଇଲେକ୍ଟ୍ରିକ୍ ମସାଜର ମିଳୁଛି । ବିନା କାହାକୁ ମୋଡ଼ାଘଷା କରିବାକୁ କହି ଆପଣ ତାହାର ମଜା ନେଇପାରିବେ । ସେହି ମସାଜର ଜରିଆରେ ଆପଣ ନିଜର ହାତ ପାଉଥିବା ପର୍ଯ୍ୟନ୍ତ ନିଜ ଶରୀରର ଅଙ୍ଗରେ ବୁଲାଇ ଉପଶମ ପାଇପାରିବେ ।

# ଆର୍ଥ୍ରାଇଟିସ୍

ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି । ଆର୍ଥରାଇଟିସକୁ ଗଠିଆ ବାତ ମଧ୍ୟ କୁହାଯାଏ । ଏହା କେବଳ ବୟସ୍କମାନଙ୍କ କ୍ଷେତ୍ରରେ ସୀମିତ ନୁହେଁ । ଯୁବକ, ଯୁବତୀମାନେ ମଧ୍ୟ ଏହି ରୋଗର ଶୀକାର ହେଉଛନ୍ତି । ଏହାର ସବୁଠୁ ଅଧିକ ପ୍ରଭାବ ଆଣ୍ଠୁରେ ଓ ହାଡ଼ରେ ଦେଖାଯାଇଥାଏ । ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି । ଏହି ଲୋକଙ୍କୁ ଆର୍ଥରାଇଟିସ୍ ହେବାର ସମ୍ଭାବନା ଅଧିକ ପରିମାଣରେ ଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମୟର ଆହ୍ୱାନ...

ସମୟ ସୁଅରେ ଅତିବାହିତ ହୋଇଯାଇଛି ବର୍ଷ ୨୦୨୨, ଆସିଛି ପୁଣି ଗୋଟିଏ ବର୍ଷ-୨୦୨୩। ସବୁ ବର୍ଷ ଭଳି ପରିବର୍ତ୍ତନ ହେବାର ସ୍ୱପ୍ନ ଦେଖିବା ଏକ ସ୍ୱାଭାବିକ ଘଟଣା। ଯେଉଁ ବର୍ଷ ଚାଲିଯାଇଛି, ଅର୍ଥାତ ଅତୀତ ହୋଇ ଯାଇଛି, ତାର ପ୍ରଭାବ ମଧ୍ୟ ରହିବ ବର୍ତ୍ତମାନ ଉପରେ। ଆଉ ଏଇ ଅନୁସାରେ ଗତବର୍ଷର ଦୁଇଗୋଟି ପ୍ରମୁଖ ଘଟଣା ଭାରତର ରାଜନୀତିକ ଦୃଶ୍ୟପଟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଛାଡ଼ିଯାଇଛି- ହାରାହାରି ୨୫ବର୍ଷ ପରେ ଗାନ୍ଧୀ ପରିବାର ବାହାରୁ କଂଗ୍ରେସ ଦଳର ଜଣେ ନୂଆ ରାଷ୍ଟ୍ରୀୟ ସଭାପତି ଭାବରେ ନିର୍ବାଚିତ ହେବା ଏବଂ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା, ଯାହା ପ୍ରତି ବିପୁଳ ଜନ ସମର୍ଥନ ଉଭୟ ସମର୍ଥକ ଓ ସମାଲୋଚକମାନଙ୍କୁ ଭବିଷ୍ୟତରେ ଏହାର ଫଳାଫଳ କିପରି ହେବ, ତାହା ଚିନ୍ତା କରିବାକୁ ବାଧ୍ୟ କରିଛି। ତେବେ ଏଥିରୁ ଗୋଟିଏ ଘଟଣା ସହଜରେ ଅନୁମାନ କରାଯାଇପାରେ ଯେ ବିଗତ କିଛି ବର୍ଷ ଧରି ଦେଶର ଯେଉଁ ଏକପାଖିଆ ରାଜନୀତି ଦେଖିବାକୁ ମିଳୁଛି, ତାର ସମ୍ଭାବନା ଏଣିକି କମ୍ ରହିବ। ପ୍ରଧାନମନ୍ତ୍ରୀ ଭାବରେ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ବିଗତ ଆଠ ବର୍ଷ ଧରି କେନ୍ଦ୍ରରେ ଶାସନ କ୍ଷମତାରେ ରହିବା ଭିତରେ ଏପରି ଘଟଣା ଘଟିନଥିଲା। ଗତବର୍ଷଟି ବିଜେପି ପାଇଁ ଏକ ସୁଖଦ ବର୍ଷ ରହିଥିଲା।। ଏହାର ଆରମ୍ଭରୁ ହିଁ ବିଜେପି ହର୍ଷୋଲ୍ଲାସର ସ୍ୱାଦ ଚାଖି ଆସିଥିଲା- ଗୋଆ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କରିବା ପରେ। ବର୍ଷର ଶେଷ ବଳକୁ ମଧ୍ୟ ଗୁଜରାଟ ବିଧାନସଭା ନିର୍ବାଚନରେ ଏହା ବିଜୟ ଲାଭ କରି ପୁଣିଥରେ କ୍ଷମତାର ରହିଲା। ତେବେ ଗୁଜରାଟ ନିର୍ବାଚନକୁ ଅପ୍ରତ୍ୟାଶିତ ଥିଲା ବୋଲି କୁହାଯାଇପାରିବାର ସମ୍ଭାବନା ନଥିବାରୁ ଏହା ମାନସପଟରେ ସେପରି ଛାପ ଛାଡ଼ିଯିବା ଭଳି ନଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ସେ ଯାହାହେଉ, ହିମାଚଳ ପ୍ରଦେଶରେ କଂଗ୍ରେସ ପଛ ବେଂଚରୁ ଉଠି ଆଗକୁ ଆସି ନିର୍ବାଚନରେ ବିଜୟ ଲାଭ କଲା, ଯାହା ହେଉଛି ବିଜେପିର ଅନ୍ୟତମ ଛାମୁଆ ନେତା ତଥା ମୋଦୀ ସରକାରଙ୍କର ବିଭାଜନ ସୃଷ୍ଟିକାରୀ ବାକ୍‌ପଟୁତା ପାଇଁ ପ୍ରଖ୍ୟାତ ଜେପି ନଡ୍ଡାଙ୍କ ନିଜ ରାଜ୍ୟ। 'ଡବଲ ଇଂଜିନ୍' ସରକାର ଅର୍ଥାତ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଗୋଟିଏ ସରକାର ଶାସନ କରିବାପାଇଁ ନେତାମାନଙ୍କୁ ବାଛିବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅତି ଦୃଢ଼ ଭାବରେ ଦିଆଯାଉଥିବା ରାଜନୀତିକ ଆହ୍ୱାନ ଆଗାମୀ ସମୟ ମାନଙ୍କରେ ପୂର୍ବର ନିଶ୍ଚିତତା ସହିତ ଦେଖାଯିବାର ସମ୍ଭାବନା କ୍ଷୀଣ। ଏହା ମଧ୍ୟ ଏପ୍ରିଲ, ୨୦୨୩ରେ ଅନୁଷ୍ଠିତ ହେବାକୁ ଯାଉଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ପରିଲକ୍ଷିତ ହେବାକୁ ଯାଉଛି। ଏହି ରାଜ୍ୟରେ ଲିଙ୍ଗାୟତ ଏବଂ ଭୋକ୍କାଲିଗାମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ନୂଆ ନୂଆ ଉପହାରମାନ ଦିଆଯିବାର ପ୍ରତିଶ୍ରୁତି ପ୍ରଦାନ କରାଯାଉଛି, ଯେଉଁଥିରୁ ଏହି ନିର୍ବାଚନ ବିଜେପି ପାଇଁ କେତେ ମହତ୍ୱ ରଖୁଛି, ତାର ସୂଚନା ମିଳୁଛି। ସୂଚନାଯୋଗ୍ୟ ଯେ ଏଠାରେ ଶାସକ ବିଜେପି ବିପକ୍ଷରେ ଅସନ୍ତୋଷର ହାୱା ବହୁଛି। ଏହା ବାଦ୍ ପୁଣି ରହିଛି କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ମଧ୍ୟରେ ଅପ୍ରତ୍ୟାଶିତ ବିବାଦ। ଉଭୟ ରାଜ୍ୟରେ ବିଜେପି ଶାସନ କ୍ଷମତାରେ ଥିବାବେଳେ ସୀମା ପ୍ରସଙ୍ଗକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ସୃଷ୍ଟି ହେବା ଏବଂ କେନ୍ଦ୍ର ସରକାରର ଅନ୍ୟତମ ପ୍ରଭାବଶାଳୀ ମନ୍ତ୍ରୀ ଅମିତ୍ ଶାହାଙ୍କ ମଧ୍ୟସ୍ଥି କୂଟନୀତି କିଛି କାମ ନ କରିବା ଦର୍ଶାଉଛି ଯେ ରାଜନୀତିକ ପ୍ରତିଦ୍ୱନ୍ଦ୍ୱିତାରେ ଯାହା ବେଶୀ ଗୁରୁତ୍ୱ ବହନ କରିଥାଏ, ତାହା ହେଉଛି-ତୃଣମୂଳ ସ୍ତରରେ ଲୋକମାନଙ୍କ ଭାବାବେଗ। ଏସବୁ ପରେ ରହିଛି ଆହୁରି ଅନେକ ପ୍ରଭାବର କଥା, ଯେଉଁଗୁଡ଼ିକ ସମାଧାନର ଶେଷ ପ୍ରାନ୍ତରେ ରହିଛି। ଆଉ ଏ ସବୁର ପ୍ରଭାବ ୨୦୨୪ ଲୋକସଭା ନିର୍ବାଚନରେ ଦେଖିବାକୁ ମିଳିବ; ଦେଖିବାକୁ ମଧ୍ୟ ମିଳିବ ରାଜନୀତିକ ତାପମାତ୍ରାକୁ ରାଜନୀତିକ ମନୋବସ୍ଥା ପରିବର୍ତ୍ତନ କରିବାରେ ସକ୍ଷମ ହେଉଛି କି ନାହିଁ। ଦେଶର ଅର୍ଥନୀତିକ ପକ୍ଷ ମଧ୍ୟ ମିଶ୍ରିତ ପ୍ରସଙ୍ଗ ଗୁଡ଼ିକରେ ଭରି ହୋଇ ରହିଛି। ଡିସେମ୍ବର ୫ ତାରିଖରେ ବିଶ୍ୱ ବ୍ୟାଙ୍କ ଦ୍ୱାରା ଜାରି ହୋଇଥିବା ଏକ ପ୍ରେସ୍ ଇସ୍ତାହାର ଅନୁସାରେ, ବିଶ୍ୱର ଅନ୍ୟାନ୍ୟ ବଜାରଗୁଡ଼ିକ ତୁଳନାରେ ବୈଶ୍ୱିକ ଆର୍ଥିକ ପରିସ୍ଥିତିରେ ଦେଖା ଦେଇଥିବା ଅନିଶ୍ଚିତତାକୁ ଭାରତ ସାମନା କରିବାରେ ସମର୍ଥ ହେବ।

## ଜାତିବାଦର ଉତ୍ପାଟନ ଜରୁରୀ

**ଅଧ୍ୟାପକ ଗୋପବନ୍ଧୁ**

ଜାତିପ୍ରଥା ଏକ ତର୍କସମ୍ମତ ସାମାଜିକ ବ୍ୟବସ୍ଥା ନୁହେଁ। ଏହା ମାନବିକତା ଓ ସମାନତାର ପରିପନ୍ଥୀ। ଏକ ପ୍ରଗତିଶୀଳ ସମାଜ ଗଠନରେ ପ୍ରତିବନ୍ଧକ। ଜାତି ବିଜ୍ଞାନ ଅନୁମୋଦିତ ବ୍ୟବସ୍ଥା ନୁହେଁ। ସାମାଜିକ ବିଦ୍ୱେଷ ଓ ହିଂସା ସୃଷ୍ଟିର ଏହା ଅନ୍ୟତମ କାରଣ। ଜାତିପ୍ରଥା ଧର୍ମାନୁମୋଦିତ ମଧ୍ୟ ନୁହେଁ।ବର୍ଣ୍ଣବ୍ୟବସ୍ଥା ସମାଜରେ କର୍ମ ବିଭାଜନକୁ ସୂଚୀତ କରେ। ଏହା ଆଦୌ ବଂଶାନୁକ୍ରମିକ ନୁହେଁ। ଦଳେ ଚାଲାକ ଓ ସୁବିଧାବାଦୀ ଲୋକ ଏହାକୁ ବଂଶାନୁକ୍ରମିକ ବନାଇଛନ୍ତି। ତେଣୁ ଏହାକୁ ହଟାଇ ଆଦ୍ୟ ପବିତ୍ରତାକୁ ପୁନର୍ବାର ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ସମାନତା ଉପରେ ପ୍ରତିଷ୍ଠିତ ଏକ ଭେଦଭାବ ରହିତ ପ୍ରଗତିଶୀଳ ସମାଜ ଗଠନ ସମୟର ଆବଶ୍ୟକ ଅଟେ। ଏ ଦିଗରେ ଯୋଜନାବଦ୍ଧ ପଦକ୍ଷେପ ଉଭୟ ସାମାଜିକ ଓ ସରକାରୀ ସ୍ତରରେ ନିଆ ହେଲେ ଉପାଦେୟ ହେବା ନିଶ୍ଚିତ। ଅତୀତରେ ଏବାବଦରେ ଅନେକ ସାମାଜିକ କାର୍ଯ୍ୟକ୍ରମ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଛି। ଯଦିଓ ବିଶେଷ ସଫଳତା ମିଳିନାହିଁ ତଥାପି ଏହାର ପ୍ରଭାବ ସମାଜରେ କିଛି ମାତ୍ରାରେ ପଡିଛି। ଅତୀତର ଜାତିପ୍ରଥା ବିରୋଧି ଆନ୍ଦୋଳନ ନିଶ୍ଚୟ ମାର୍ଗଦର୍ଶନ କରିବ ଆଗକୁ ବଢ଼ିବାରେ ଓ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାରେ।

ପ୍ରଥମରେ ଜାତିପ୍ରଥା ବିରୋଧି ଆନ୍ଦୋଳନ ମନ୍ଦିରରୁ ଆରମ୍ଭ ହେବା ଜରୁରୀ। ହିନ୍ଦୁ ଜାଗରଣର ଏହା ଅଂଶବିଶେଷ ହେବା ଉଚିତ। ଏହି ଧର୍ମରେ କେଉଁଠାରେ ବି ବଂଶାନୁକ୍ରମିକ ଜାତିବାଦକୁ ସ୍ୱୀକୃତି ଦିଆଯାଇ ନାହିଁ। ଧର୍ମ ଅନୁସାରେ ଯିଏ ଯେଉଁ କାର୍ଯ୍ୟ କରିବ ତାକୁ ସେହି ଜାତିର ଅନ୍ତର୍ଗତ କରାଯାଉ। ବାପା ଯେଉଁ ଜାତିର ହେବ ପୁଅ ମଧ ସେହି ଜାତିର ହେବା ଧର୍ମାନୁମୋଦିତ ନୁହେଁ। କର୍ମ ଅନୁସାରେ ପିଲାମାନଙ୍କ ଜାତି ନିର୍ଣ୍ଣୟ ହେଉ। ହିନ୍ଦୁ ପଣ୍ଡିତମାନେ ବଂଶାନୁକ୍ରମିକ ଜାତିବ୍ୟବସ୍ଥାକୁ ଅସିଦ୍ଧ ଘୋଷଣା କରନ୍ତୁ। ଏହି ପଣ୍ଡିତମାନଙ୍କ ସର୍ବୋଚ୍ଚ ନିୟାମକ ସଂସ୍ଥା ରହୁ ବ୍ୟକ୍ତିର କର୍ମ ଅନୁସାରେ ସେ କେଉଁ ଜାତିର ହେବ ତାହା ନିର୍ଣ୍ଣୟ କରିବା ପାଇଁ। ଅନ୍ୟଥା କେବଳ ପୂଜକ ଗୋଷ୍ଠୀ(ବ୍ରାହ୍ମଣ)କୁ ଛାଡି ଅନ୍ୟ ସମସ୍ତ ଜାତିର ସମାପ୍ତ କରାଯାଉ। ଯିଏ ପୂଜକ ବା ବ୍ରାହ୍ମଣ ହେବ ତାହାର ଯୋଗ୍ୟତା ଭିତ୍ତିରେ ଚୟନ ହେଉ। ଯିଏ ବ୍ରାହ୍ମଣର କାର୍ଯ୍ୟ ତୁଲାଇ ପାରିବ ତାକୁ ବ୍ରାହ୍ମଣର ଆଖ୍ୟା ଦିଆଯାଉ। ଏହା ଦ୍ୱାରା ବଂଶାନୁକ୍ରମିକ ଜାତିପ୍ରଥାକୁ ରୋକାଯାଇ ପାରିବ। ଏବେ ବର୍ଣ୍ଣ ବା ଜାତି ଅନୁସାରେ ଅଧିକାଂଶ ଲୋକ କର୍ମ କରୁନାହାଁନ୍ତି। ତେଣୁ ବର୍ଣ୍ଣ ବା ଜାତି ତାର ଗୁରୁତ୍ୱ ହରାଇ ବସିଛି। ଯାହାର ବାସ୍ତବ ସ୍ଥିତି ନାହିଁ ତାକୁ ବଜାଇ ରଖିବାକୁ ଚେଷ୍ଟା କରିବା ଅସମୀଚିନ। ଜାତିପ୍ରଥାର ବିଲୋପ ଧ୍ୱନି ମନ୍ଦିରରୁ ଆରମ୍ଭ ହେଲେ ଏହା ନିଶ୍ଚୟ ସଫଳ ହେବ। ଏପରି ମନ୍ଦ ପ୍ରଥାର ଲୋପ ହେଉ।

ଦ୍ୱିତୀୟରେ ସରକାରୀ ସ୍ତରରେ କିଛି ଉପାଦେୟ ପଦକ୍ଷେପ ସଫଳତା ଆଣିବ। ସରକାର ପ୍ରତ୍ୟେକଙ୍କ କେଉଁ ଜାତି ତାହା ତାଙ୍କ ଜମିର ପଟ୍ଟାରେ ସୂଚୀତ କରିଛନ୍ତି। ଏହାକୁ ହଟାଯିବା ଉଚିତ୍। ସରକାର ପ୍ରତ୍ୟେକ କ୍ଷେତ୍ରରେ ଜାତିର ବ୍ୟବହାରକୁ ନିଷିଦ୍ଧ ଘୋଷଣା କରନ୍ତୁ। ତେବେ ଏଠାରେ ଉଲ୍ଲେଖ କରିବା ସମୀଚିନ ହେବ ଯେ ଏପରି ସରକାରୀ ପଦକ୍ଷେପ ଫଳପ୍ରଦ ହେବ ନାହିଁ ଯଦି ସାମାଜିକ ସ୍ତରରେ ଏହା କାର୍ଯ୍ୟକାରୀ ନହୁଏ। ଏହା ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗମାନେ ପାଉଥିବା ସଂରକ୍ଷଣ ସୁବିଧା ସୁଯୋଗ ଆଉ ପାଇବେ ନାହିଁ। ସମାଜରେ ଯେହେତୁ ଜାତିବ୍ୟବସ୍ଥା ରହିଛି ତେଣୁ ଜାତି ଜାତି ମଧରେ ସମାନତା ଆଣିବାପାଇଁ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଯଦି ଜାତି ରହିବ ନାହିଁ ତେବେ ଜାତି ଭିତ୍ତିକ ସଂରକ୍ଷଣ କୋଉଠୁ ଆସିବ। ଏଦିଗରେ ପର୍ଯ୍ୟାୟକ୍ରମେ କାମ ହେବା ଉଚିତ। ଯେଉଁ ସଂରକ୍ଷିତ ବର୍ଗ ତଳେ ପଡ଼ିଛନ୍ତି ସେମାନଙ୍କ କ୍ଷୀପ୍ର ବିକାଶ ଏଦିଗରେ ସହାୟକ ହେବ। ଜାତିପ୍ରଥାକୁ ଯଦି ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇ ପାରିବ ତେବେ ସାମାଜିକ ପ୍ରଭାବକୁ ହ୍ରାସ କରିବା ପାଇଁ ସଂରକ୍ଷିତ ବର୍ଗ ପରବର୍ତ୍ତେ ସଂରକ୍ଷିତ ପରିବାର ନିଆ ଯାଇପାରେ। ଏହି ପରିବାରଗୁଡ଼ିକର ବିକାଶ ହେଲାପରେ ଆଉ ଜାତି ସଂରକ୍ଷଣର ଆବଶ୍ୟକତା ପଡିବ ନାହିଁ। ତୃତୀୟରେ ଜାତି ଜାତି ମଧରେ ବୈବାହିକ ସମ୍ବନ୍ଧ ସ୍ଥାପନ ଜାତିପ୍ରଥାକୁ ହଟାଇବାକୁ ଯଥେଷ୍ଟ ସହାୟକ ହେବ। ଏବେ କିଛି ମାତ୍ରାରେ ଏହା ଚାଲିଛି। ତେବେ ଏହାକୁ ଆହୁରି ବ୍ୟାପକ କରିବାକୁ ପଡିବ। ଜାତି ଜାତି ମଧରେ ରୋଟି ଓ ବେଟିର ସମ୍ବନ୍ଧ ଯେତେ ମଜଭୁତ ହେବ ଜାତିପ୍ରଥା ସେତେ ଦୁର୍ବଳ ହେବ। ସାଧାରଣତଃ ଦେଖାଯାଉଛି ଏହି ପ୍ରକାର ବିବାହ ପ୍ରେମ ବ୍ୟାପାର କ୍ଷେତ୍ରରେ ଅନୁଷ୍ଠିତ ହେଉଛି। କିଛି ପ୍ରଗତିଶୀଳ ପରିବାର ଏହାକୁ ଗ୍ରହଣକରି ନେଇଛନ୍ତି। ଏହିପ୍ରକାର ବିବାହ ପାଇଁ ଉଭୟ ସାମାଜିକ ଓ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଉଚିତ। ଯେଉଁଦିନ ଜାତି ଜାତି ମଧ୍ୟରେ ଅନାୟାସରେ ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇପାରିବ ସେହିଦିନ ଜାତିପ୍ରଥା ତାର ପ୍ରାସଙ୍ଗିକତା ହରାଇ ବସିଛି ବୋଲି ଧରିବାକୁ ହେବ। ସଂଖ୍ୟାଧିକ ଲୋକ ଏହି ପ୍ରକାର ବିବାହକୁ ଗ୍ରହଣ କରିପାରି ନାହାଁନ୍ତି। ଏହାକୁ ନେଇ ଅନର କିଲିଂ ହେଉଛି। ସାମାଜିକ ସ୍ତରରେ ଗଣ୍ଡଗୋଳ ମଧ ହେଉଛି। ଏଦିଗରେ ବ୍ୟାପକ ଜନ ସଚେତନତା ଜରୁରୀ। ସମସ୍ତ ମନୁଷ୍ୟ ସମାନ। ଜାତିବ୍ୟବସ୍ଥା ପ୍ରାକୃତିକ ସୃଷ୍ଟି ନୁହେଁ। ଏହା କେତେକ ଲୋକଙ୍କର ଚତୁର ସୃଷ୍ଟି ବୋଲି ଲୋକଙ୍କୁ ଅବଗତ କରାଇବାକୁ ହେବ। ଯେଉଁମାନେ ଆନ୍ତଃଜାତିକ ବିବାହ କରୁଛନ୍ତି ତାଙ୍କୁ ସମାଜରେ ସମ୍ମାନ ମିଳିବା ଉଚିତ୍। ଏମାନଙ୍କୁ ଚାକିରୀ ସମେତ ବିଭିନ୍ନ କ୍ଷେତ୍ରରେ ସରକାରୀ ସଂରକ୍ଷଣ ମଧ ମିଳିବା ଉଚିତ୍।

ଚତୁର୍ଥରେ ଜାତିସୂଚକ ସାଙ୍ଗିଆ ବା ଟାଇଟେଲର ପରିତ୍ୟାଗ ଜାତିପ୍ରଥାର ବିଲୋପ ଦିଗରେ ଅନେକ ସହାୟକ ହେବ। ଦେଶର ସଂଖ୍ୟାଧିକ ସାଙ୍ଗିଆ ଜାତିସୂଚକ। ସାଧାରଣରେ ଜଣକର ଟାଇଟେଲରୁ ଜଣାପଡ଼େ ସେ କେଉଁ ଜାତିର ବୋଲି। ଏହା ଅନେକ ସମୟରେ ପାତର ଅନ୍ତର, ଅନୁଗ୍ରହ ଅନାଗ୍ରହ, ଉଚ୍ଚନୀଚ ପରି ଅମାନବୀୟ ଭାବନା ଜାଗ୍ରତ କରେ। ଜଣେ ଜୀବନସାରା ହୁଏତ ଜାତିଗତ ସୁବିଧା ପାଏ କିମ୍ବା ଜାତିଗତ ତାଡ଼ନାର ଶୀକାର ହୁଏ। ଜଣେ ଜାତିବାଦୀ ଲୋକ କେବେବି ଜାତିଗତ ଟାଇଟେଲ ଛାଡିପାରିବ ନାହିଁ। ଜାତିରହିତ ସମାଜ କଥା ଚିନ୍ତା କରୁଥିବା ବ୍ୟକ୍ତି ନିଜର ଜାତିସୂଚକ ଟାଇଟେଲ ଛାଡି ପାରିବ। ଏବେ ବେଶ୍ କିଛି ପିଲା ଜାତି ସୂଚକ ଟାଇଟେଲ ଛାଡି ଦେଉଥିବାର ଦେଖିବାକୁ ମିଳୁଛି। ଏହା ଉତ୍ସାହଜନକ। ଏଦିଗରେ ସାମାଜିକ ଚେତନା ଜାଗ୍ରତ କରିବା ଲାଭଦାୟକ ହେବ। ସରକାର ମଧ ଜାତିସୂଚକ ଟାଇଟେଲର ବ୍ୟବହାରକୁ ବାରଣ କରିବା ଉଚିତ୍। ଏହା ସହିତ ଜାତିପ୍ରଥାକୁ ବଢାଇଲା ପରି କୌଣସି ଜାତିଗତ କାର୍ଯ୍ୟକ୍ରମକୁ ସରକାର ନିଷିଦ୍ଧ କରନ୍ତୁ। ଦେହରେ ଜାତିଗତ ଚିହ୍ନ ଧାରଣ କରିବା କୌଣସି ଗୋଟିଏ ଜାତିର ପେଟେଣ୍ଟ ବା ଏକଚାଟିଆ ଅଧିକାର ନହେଉ। ନିଜକୁ ଉନ୍ନତ ବୋଲି ଦେଖାଇ ହେବାର ସାମାଜିକ କାର୍ଯ୍ୟକଳାପକୁ ମଧ ବାରଣ କରାଯାଉ। ବିଶ୍ୱ ମାନବ ସମାଜ କ୍ଷୀପ୍ରଭାବେ ଆଗକୁ ବଢ଼ିଚାଲିଛି। ଚନ୍ଦ୍ରରେ ପାଦ ଥାପିସାରି ମଙ୍ଗଳ ଗ୍ରହରେ ପାଦ ଥାପିବାର ଯୋଜନା କରୁଛି। ଏପରି ପରିସ୍ଥିତିରେ କୋଉ ପୁରୁଣା ବିଚାରଧାରାକୁ ନେଇ ଆମେ ଜାତିଗତଭାବେ କିଏ ବଡ ଓ କିଏ ସାନ ତାକୁ ଧରି ଝଗଡାରେ ମାତିଛୁ। ଏବେ ସାମୁହିକ ସଂକଳ୍ପର ସମୟ ଆସିଛି। ସମସ୍ତେ ମିଳିତଭାବେ ଜାତିପ୍ରଥାର ସମାପ୍ତ କରିବା। ଆମ ପ୍ରାଚୀନ ସଭ୍ୟତାର ଚରମ ଉତ୍କର୍ଷତାକୁ ପୁନଃ ସ୍ଥାପନ କରିବା।

+ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

## ହାଇକୋର୍ଟରେ ଫଇସଲା ହାର ୧୩୩%

**ସୌରଚନ୍ଦ୍ର ମହାପାତ୍ର**

ସାଧାରଣ ଲୋକଙ୍କ ପାଇଁ ଥିଲା ଅପହଞ୍ଚ, ଅଭେଦ୍ୟ। ଦଣ୍ଡବିଧିର ଭୟ ରହିଥିଲା ମନରେ। ବିଚାର ପ୍ରକ୍ରିୟା ଥିଲା ଲୋକଙ୍କ ପାଇଁ ଦୁର୍ବୋଧ ଓ ଅଜ୍ଞାତ। ଏବେ ସବୁ କିଛି ମୁକ୍ତ ଓ ସହଜ ହେବାରେ ଲାଗିଛି। ନାଲିକୋଠା ଭୟ, ଆଶଙ୍କା କି ଉଦବେଗର ଜାଗା ନୁହେଁ ଏଭଳି ବିଶ୍ୱାସ ତିଆରି ହେଉଛି ସାଧାରଣ ଲୋକଙ୍କ ମନରେ। କଟକଣାର କବାଟ ନିଜ ଆଡୁ ଖୋଲି ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ନ୍ୟାୟିକ ବ୍ୟବସ୍ଥାକୁ ସହଜ, ସରଳ ଓ ସଂପ୍ରସାରିତ କରାଯାଉଛି ସବୁଠାରୁ ଦୁର୍ବଳ ଲୋକଟି ପାଖରେ ପହଞ୍ଚିବା ପାଇଁ। ପିଲାମାନେ ବୁଲି ଦେଖୁଛନ୍ତି ହାଇକୋର୍ଟ। ଯାଉଛନ୍ତି ବିଚାରପତିଙ୍କ କକ୍ଷକୁ। ଜାଣୁଛନ୍ତି ନ୍ୟାୟ ପ୍ରକ୍ରିୟାକୁ। ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରୟୋଗ ଫଳରେ ଆଜି ପ୍ରତି ଜିଲ୍ଲା ଯୋଡ଼ି ହେଉଛି ହାଇକୋର୍ଟଙ୍କ ସହ। ତ୍ୱରିତ ଶୁଣାଣି ହୋଇ ଫଇସଲା ହେଉଛି ମାମଲା। ଜେଲରେ ଶଢ଼ୁଥିବା କଏଦୀଙ୍କ ପାଇଁ ମୁକ୍ତିର ବାଟ ପ୍ରଶସ୍ତ ହେଉଛି। ୨୦୨୨ରେ ହାଇକୋର୍ଟଙ୍କ ଏକ ଉଦାର ପରିବର୍ତ୍ତିତ ରୂପ ମୁଗ୍ଧ କରିଛନ୍ତି ସମସ୍ତଙ୍କୁ। ଆହୁରି ଆଶ୍ୱସ୍ତ ହୋଇଛନ୍ତି ନିର୍ଯାତିତ, ନିଷ୍ପେସିତ ଲୋକ। ଏଇ ଭରସାରେ ଯେ ସେମାନଙ୍କ ପାଇଁ କେହି ଅଛି।

ରାଜ୍ୟ ବିଚାର ବ୍ୟବସ୍ଥା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନୂଆ ରେକର୍ଡ କରିବାରେ ଲାଗିଛି। ଭିତ୍ତିଭୂମି ଓ ଶୁଣାଣି ବ୍ୟବସ୍ଥାରେ ଗତିଶୀଳତା କାରଣରୁ କେବଳ ହାଇକୋର୍ଟ ନୁହେଁ, ଜିଲ୍ଲାଜଜ କୋର୍ଟ ଠାରୁ ଆରମ୍ଭ କରି ଫାଷ୍ଟଟ୍ରାକ କୋର୍ଟ ସବୁଠି ମାମଲା ଫଇସଲା କ୍ଷେତ୍ରରେ ରେକର୍ଡ଼ ସଫଳତା ମିଳିଛି। ଗତବର୍ଷ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି ଓଡ଼ିଶା ହାଇକୋର୍ଟରେ। ଏଥର ହାଇକୋର୍ଟରେ ରେକର୍ଡ଼ ୧୩୩ ପ୍ରତିଶତ ମାମଲାର ଫଇସଲା ହୋଇଛି। ଅର୍ଥାତ୍ ଗତବର୍ଷ ଯେତିକି ମାମଲା ରୁଜୁ ହୋଇଛି ତା'ଠାରୁ ଯଥେଷ୍ଟ ଅଧିକ ମାମଲାର ସମାଧାନ ହୋଇଛି। ପୂର୍ବବର୍ଷ ଅପେକ୍ଷା ଗତବର୍ଷ ଜିଲ୍ଲା କୋର୍ଟରେ ମାମଲା ସମାଧାନ ହାର ୫୩% ଅଧିକ ରହିଥିବାବେଳେ ତ୍ୱରିତ ମାମଲା ଶୁଣାଣି କ୍ଷେତ୍ରରେ ଫାଷ୍ଟଟ୍ରାକ କୋର୍ଟ ମାମଲା ସଫଳତା ହାସଲ କରିଛି। ହାଇକୋର୍ଟଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତି ଅନୁସାରେ, ମାମଲା ସମାଧାନ କ୍ଷେତ୍ରରେ ଗତବର୍ଷ ଏହି ଅଦାଲତ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିଛି। ୨୦୧୮ରେ ୬୨ ହଜାର ୫୬୬ଟି ମାମଲା ରୁଜୁ ହୋଇଥିଲା ଓ ୬୩ ହଜାର ୨୩୬ଟି ମାମଲା ସମାଧାନ ହୋଇଥିଲା। ୨୦୧୯ରେ ୮୧ ହଜାର ୧୨୧ଟି ମାମଲା ରୁଜୁ , ୯୩ ହଜାର ୨୨୪ଟି ମାମଲାର ସମାଧାନ, ୨୦୨୦ରେ ୮୩ ହଜାର ୪୯୯ଟି ମାମଲା ରୁଜୁ, ୬୧ ହଜାର ୩୩୫ଟି ମମଲା ସମାଧାନ ହୋଇଥିଲା। ତେବେ ୨୦୨୧ରେ କରୋନା ସତ୍ତ୍ୱେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ, ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶୁଣାଣି, ଇ-ଫାଇଲିଂ ଆଦି ବ୍ୟବସ୍ଥା କାରଣରୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାମଲା ଶୁଣାଣି ତ୍ୱରାନ୍ୱିତ ହୋଇଥିଲା। ୨୦୨୧ରେ ହାଇକୋର୍ଟରେ ଲକ୍ଷ ୨୮ ହଜାର ୭୮୬ଟି ମାମଲା ରୁଜୁ ହୋଇଥିଲାବେଳେ ୧ଲକ୍ଷ ୫ହଜାର ୧୮୨ଟି ମାମଲାର ସମାଧାନ ହୋଇଥିଲା। କିନ୍ତୁ ଗତବର୍ଷ ଏହି ରେକର୍ଡ଼ ବି ଭାଙ୍ଗିଯାଇଛି। ଚଳିତ ବର୍ଷ ଶୀତ ଅବକାଶ ଭିତରେ ହାଇକୋର୍ଟରେ ୧ ଲକ୍ଷ ୨ ହଜାର ୨୪୭ଟି ମାମଲା ରୁଜୁ ହୋଇଥିଲାବେଳେ ୧ଲକ୍ଷ ୩୬ ହଜାର ୫୯୯ଟି ମାମଲାର ଫଇସଲା ହୋଇପାରିଛି। ରାଜ୍ୟର ବିଭିନ୍ନ ଜିଲ୍ଲା ଜଜକୋର୍ଟରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୫୩.୨୮% ଅଧିକ ମାମଲା ସମାଧାନ ହୋଇଛି। ୨୦୨୧ରେ ଅନୁମୋଦିତ ବିଚାରପତିଙ୍କ ସ୍ଥାନ ୯୬୨ ଥିଲାବେଳେ ସେହି ସ୍ଥାନରେ ୭୬୬ଜଣ କାର୍ଯ୍ୟ କରୁଥିଲେ। ସେହିପରି ୨୦୨୨ରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୯୭୭ ଥିଲାବେଳେ ଏହି ସ୍ଥାନରେ ୭୭୬ଜଣ କାର୍ଯ୍ୟ କରୁଛନ୍ତି। ୨୦୨୧ରେ ଜଣେ ବିଚାରପତି ମୁଣ୍ଡ ପିଛା ୩୧୧ଟି ମାମଲାର ଫଇସଲା କରୁଥିବାବେଳେ ୨୦୨୨ରେ ତାହା ୫୭୭ରେ ପହଞ୍ଚିଛି। ଅନ୍ୟପକ୍ଷରେ ବଳାତ୍କାର ଏବଂ ପୋକସୋ ମାମଲା ଗୁଡ଼ିକର ବିଚାର ଫାଷ୍ଟଟ୍ରାକ କୋର୍ଟରେ କରାଯାଇଥାଏ। ଗତବର୍ଷ ଜାନୁଆରୀ ଗତ ୨୬ ତାରିଖ ମଧ୍ୟରେ ଏହିସବୁ କୋର୍ଟରେ ୧୦୪୨ଟି ବଳାତ୍କାର ମାମଲା ରୁଜୁ କରାଯାଇଛି। ସେଥିରୁ ୧୨୫ଟି ମାମଲାର ସମାଧାନ କରାଯାଇଛି। ପୋକସୋ ଆଇନ ଅଧୀନରେ ବିଚାର ବ୍ୟବସ୍ଥା ପାଇଁ ୮ଟି ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯାଇଛି। ଭୁବନେଶ୍ୱରରେ ଗୋଟେ ପରିବାର ଅଦାଲତ ପ୍ରତିଷ୍ଠା ଓ ୨ଟି ମହିଳା କୋର୍ଟ ମଧ ପ୍ରତିଷ୍ଠା କରାଯାଇଛି। ଓଡ଼ିଶାରେ ବିଚାର ବ୍ୟବସ୍ଥା ଅତ୍ୟନ୍ତ ଗତିଶୀଳ ଓ ସୁଦୃଢ଼ ହେବା ସହ ଜନାଭିମୁଖୀ ହୋଇ ଲୋକଙ୍କ ବିଶ୍ୱାସଭାଜନ ହେଉଛି ଓ ଲୋକମାନଙ୍କର ଆଇନ ବ୍ୟବସ୍ଥା ଉପରେ ଅଖଣ୍ଡ ବିଶ୍ୱାସ ବଢ଼ିଛି।

ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ
'ସତ୍ୟାଳୟ'
ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ




### ଏମିତି ଏ ପୌଷ

**ନିରଞ୍ଜନ ସାହୁ**

ଆସେ ପୌଷ ମାସ ହସୁଥାଏ ଚାଷ
ଚାଷୀ ମନେ ଖୁସି ଭାରି
ଶୀତଋତୁ ଆଦ୍ୟ ମାସ ଅଟେ ପୌଷ
ହୋଇଥାଏ ଉପକାରୀ ।
ଦକ୍ଷିଣାୟନରେ ସୂର୍ଯ୍ୟଙ୍କର ଗତି
ସୂର୍ଯ୍ୟତାପ ସେତେ ନାହିଁ
ଶୀତର ପ୍ରଭାବେ ପ୍ରଭାବିତ ସର୍ବେ
ଖରାକୁ ରହନ୍ତି ଚାହିଁ
ଫସଲ ଅମଳ ଲାଗି ରହିଥାଏ
ଖୁସି ହୋଇଯାଏ ବାରି ।
ବକୁଳ ଲାଗି ଓ ବଡ଼ଦିନ ଆସେ
ଶାମ୍ବ ଦଶମୀ ପଡଇ
ନୂଆବର୍ଷ ପର୍ବ ବଡ଼ ଆଡମ୍ବରେ
ଏହି ପୌଷରେ ଗଡ଼ଇ
ପୁଷ୍ୟାଭିଷେକରେ ରାଜା ଅଭିଷେକ
ହୋଇଥାନ୍ତି ଦଣ୍ଡଧାରୀ ।
ପରିଭ୍ରମଣ ଯେ ଚାଲେ ଏହିକାଳେ
ଲାଗିରହେ ଭୋଜିଭାତ
ଉଷୁମ ପୋଷାକ ଆଦର ଲଭଇ
କ୍ରୀଡା ଚାଲେ ଦିବାରାତ୍ର
ଥଣ୍ଡା , ଜ୍ୱର ଭୟ ଅବଶ୍ୟ ରହଇ
ପୌଷ ହେବାଯାଏ ପାରି ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ: ୭୫୯୦୧୬
ମୋ :୯୯୩୮୭୪୧୫୮୩

### ଇପ୍ସିତ ପୁରୁଷ

**ବର୍ଷାରାଣୀ ମହାମଲ୍ଲିକ**

ସମସ୍ତେ ତ ମୋ ନିଜର ମୋ ଅନ୍ତରଙ୍ଗ
ଯାହାକୁ ହୃଦୟ କନ୍ଦରରୁ ମୁଁ ଚାହେଁ
ଚାହିଁଛି, ଚାହୁଁଛି ଆଉ ହଁ ଚାହୁଁଥିବି ମଧ୍ୟ
ମୋତେ କଣ ଅନୁଭବ ହୁଏ ଜାଣିଚ ?
ଥାଉ ତୁମେ କେମିତି ଜାଣିବ ଯେ,
ମୁଁ କହିଦେଉଛି ହେଲା......
ଯେତେବେଳେ ଗମେ ବିଭାଗକୁ ମୁଁ ଦେଖେ ତୁମମାନଙ୍କୁ
ପୁଣି ଫେରିଲା ବେଳକୁ ଥାଅ ତୁମେ
ଠିକ୍ ଯେମିତିକୁ ସେମିତି,
ମୁଁ ଚାହିଁଦିଏ, ଆଉ ତୁମେ ତ ମୋତେ ସର୍ବଦା ଚାହୁଁଥାଅ,
ତୁମେ ହସିଦିଅ, ନା ମୁଁ କିନ୍ତୁ ହସେନି,
ମତେ ଲୋକେ କଣ ଭାବିବେ ଯେ ?
କେମିତି କହିବି ମୋର ଗୋଟେ କି ଦି'ଟା ନୁହଁ
ହଜାରେ ପ୍ରେମିକ ଅଛନ୍ତି,
ତାଙ୍କ ସହ ମୋର ସାକ୍ଷାତ୍ ହୁଏ
ଠିକ୍ ମଧ୍ୟାହ୍ନ ଦି' ଟାରେ,
ମୋର ସବୁ ପ୍ରେମିକ ସାଥିରେ ଥାଆନ୍ତି
ସେମାନେ ପୁଣି ବହୁତ ସାଙ୍ଗ,
ତାଙ୍କ ନାଁ ଭିନ୍ନ ଭିନ୍ନ, ବୟସ ବି ଭିନ୍ନ...........
ମୁଁ ଜାଣେନି ସେମାନେ ଜାଣିଛନ୍ତି କି ନା
ଯେ ମୁଁ ସମସ୍ତଙ୍କୁ ଖୋଜେ, ସେମାନେ ମୋ ଇପ୍ସିତ ପୁରୁଷ....
ମୋର କାମନା, ଭାବନା, କଳ୍ପନା ସମସ୍ତଙ୍କ ଉପରେ
ତାଙ୍କ ଉପରେ ମୋ ଅଭିପ୍ସା, ପ୍ରତ୍ୟାଶା...
ଉଦବେଳନ ଜାତ ହୁଏ, ଶରୀରେ, ପ୍ରାଣରେ,
ଦେହ, ମନ ପୁଲକିତ, ହୁଏ ରୋମାଞ୍ଚିତ
ମୁଁ କିନ୍ତୁ ତାଙ୍କର ଚିରଦର୍ଶନାଭିଳାଷୀ...
ହେଲେ ଆଜି ଯାଏ ଠିକ୍ ସେ ଦେଖି ନାହିଁ ମୁଁ ତାଙ୍କୁ
ଦେଖିଛି ଉପର ଠାଉରିଆ ଭାବେ,
ସଭିଏଁ ଭାରି କୋମଳ, ଭିତରେ ଥାଇ ପାରନ୍ତି କଠୋର
ପ୍ରାୟତଃ ମୁଁ ସବୁଦିନ ଦେଖେ ତାଙ୍କୁ
ଚେଷ୍ଟା କରେ ସମସ୍ତଙ୍କ ହୃଦୟକୁ ପଢିବାକୁ
ତାଙ୍କ ଅନ୍ତରାତ୍ମାକୁ ଚିହ୍ନିବାକୁ,
ହେଲେ ମୁଁ ପାରେନା
ପଢିବାଟା ଦୂରେ ଥାଉ ତାଙ୍କୁ ଛୁଇଁ ବି ପାରେନା ବେଳେ ବେଳେ
ଯେଉଁଦିନ ମୁଁ ଯାଏନା ତାଙ୍କ ନିକଟକୁ
ପ୍ରଶ୍ନ ଉଠେ ମସ୍ତିଷ୍କରେ
ସେମାନେ ମୋତେ ଝୁରୁଥିବେ କି, ଯେମିତି ମୁଁ ଝୁରୁଛି ?
ନା, ସେମାନେ କାହିଁକି ଝୁରିବେ ଯେ
ସେମାନଙ୍କ ବି କଣ କମ୍ ପ୍ରେମିକା ଅଛନ୍ତି ? ?
ଛାଡ଼ ମୋର କଣ ଯାଏ ଏ ସବୁରେ
ସେମାନଙ୍କୁ କିନ୍ତୁ ମୁଁ ଭଲପାଇବି ଆଜୀବନ, ଚିରଦିନ
ମୃତ୍ୟୁ ନ ଆସିଛି ଯେତେଦିନ,
ନା, ମ ସେମାନେ ଆଜିକାଲିର ଶସ୍ତା ପ୍ରେମିକ ନୁହଁନ୍ତି
ମୋ ପ୍ରେମିକ ମାନେ ଭାରି ଦାମିକା, ପୁରା ସୁନା ମୁଣ୍ଡା
ତାଙ୍କ ହୃଦୟ ଭାରି ବିଶାଳ, ସୁନ୍ଦର....
ନୀରବ, ନିସ୍ତବ୍ଧ ପରିବେଶରେ ସେମାନେ ଥାଆନ୍ତି,
ଯଦିଓ ସେଠାରେ ହଜାରେ ଲୋକଙ୍କ ସମାଗମ ଥାଏ,
କେଉଁ ଗୋଟେ ପାର୍ଶ୍ୱରୁ ଶୀତଳ ମୃଦୁ ସମୀର କାନେ ଗୁଞ୍ଜରଣ କରୁଥାଏ
ଗାଇଯାଏ କିଛି ମିଠା ଗୀତ ଚୁପ୍ ଚାପ୍ ମନ୍ଦ ମନ୍ଦ କରି
ପାଣି ଟ୍ୟାପରୁ ଟପ୍ ଟପ୍ ପାଣି ପ୍ରତିଧ୍ୱନିତ ହୁଏ
ନୀରବ ସମୟରେ
ଯାବତୀୟ ଧ୍ୱନିର ବହୁତ୍ ଦୂରରେ, ସେ ସ୍ଥାନ
କେବଳ ମୁଁ ପଢୁଥାଏ ତାଙ୍କୁ ସେମାନେ ଚାହାନ୍ତି ମୋ ଆଖିକୁ
ଦୁହେଁ ଦୁହିଁକୁ ବାସ୍ ସେତିକି ଆମ ପ୍ରେମ
ଜାଣିବାକୁ ଚାହୁଁଛ ତାଙ୍କୁ ତେବେ ଚାଲିଆସିବ
ଆମ ପାଠାଗାରକୁ,
ଥରେ ଚାହିଁ ଦେବ, ସେମାନେ ସବୁ ସାଇତା ହୋଇ ଅଛନ୍ତି
ଦେଖିବ ତୁମେ ବି ପ୍ରେମିକା ନ ହୋଇ ରହିପାରିବ ନି।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ମୋ :-୮୨୬୦୬୫୯୩୩୨



## ବଂଧନ

### ବୃନ୍ଦାବନ ଦାସ



ଯେତେ ବାହାସ୍ଫୋଟ ମାରିଲେ ବି
ମୁକୁଳି ପାରେନି ଜମାରୁ
ଆଡଆଖି ଅଣଦେଖା ସତ୍ତ୍ୱେ
କାହିଁନା କାହିଁ
କେହିଜଣେ ନିଜ ଭିତରୁ
କେଉଁ ବାହାନାରେ ଟାଣୁଥାଏ ହାତ
ପଛକୁ ।

ଅଭିମାନର ପାହାଡ
ଚୂନା ହେଇଯାଉଛି କ୍ଷଣିକରେ
ତରଳି ଯାଉଛି ମୁଁ ବରଫରୁ
ବୁନ୍ଦେବୁନ୍ଦେ ଜଳରୁ ସରୁ ଧାରଟିଏ
ହୋଇ ଯେ
ପୁନଶ୍ଚ ଅନୁରାଗରେ ଉଛୁଳି ଉଠୁଛି
ଆଖପାଖ
ଆଖିଆଗ ମଡା ଅମଡା ସବୁବାଟ ।

ତରଳି ଯାଏ ବୋଲି ତ ମୁଁ
ଭୁଲିଯିବାରୁ ବାରମ୍ବାର ଉତୁରି ଆସେ
ସମ୍ପର୍କଙ୍କ ହାତଧରି
ନିଉନ ହୁଏ ଆକୁଳ ହୁଏ
ବଡପଣକୁ ଫିଙ୍ଗିଦେଇ ନିଜର କରେ
ସବୁ ଦୁଃଖକୁ ।

ଜାଣେ ପୁଣି ଜାଣେନା
ହାତ ମୁଠାରୁ କ୍ରମଶଃ ହୁଗୁଳି ଯାଉଥିବା
ସମ୍ପର୍କର ଖିଅସବୁ ଆଜି ଗୁଡିପରି
ଊର୍ଦ୍ଧ୍ୱମୁଖୀ ।

ଜାଣେ
ଆଉ କେବେ ଧରାଦେବେନି
କେବେ ମନେ ପକେଇବେନି
କି ହାତର କେଉଁ ଯାଦୁକାରୀ ସ୍ପର୍ଶରେ
କ୍ଷିପ୍ତ ଉଚ୍ଚାଟନରେ
ଚିତ୍ରିତ କରିବେନି

ମୋ ନୀଳ ଆକାଶକୁ ।

ସବୁ ହଁ ର ପ୍ରତ୍ୟାଖାନ ପରେ
ନାହିଁ ନାହିଁ ଭିତରେ ତଥାପି ହଁ
ଖୋଜୁଥିବା
ଶେଷ ଆଶା ଟିକକ
ଯେଉଁ ପ୍ରତୀକ୍ଷାରେ ଜୀଇଁ ରହିଥାଏ
ତାହା ବୋଧେ ବନ୍ଧନର ଅନ୍ୟନାମ ।


♥ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ: ୯୭୭୭୮୪୩୦୩୧


## ଚଢ଼େଇ

### ଡ.ଉମେଶ ଚନ୍ଦ୍ର ମହାପାତ୍ର



ଗଛ ଡାଳରେ ସ୍ପନ୍ଦିତ ଜିଜୀବିଷା
ଡେଣାରେ ଅନ୍ତରୀକ୍ଷର ଗୀତ
ଭୂଇଁ ଓ ଆକାଶର
ମଧ୍ୟବର୍ତ୍ତୀ ସେତୁ
ବ୍ୟାପ୍ତିର ପ୍ରତିଶ୍ରୁତି
ପ୍ରଶାନ୍ତିର ମିତ ।

ନବାରୁଣର ବନ୍ଦାପନାରୁ
ଗୋଧୂଳିର
ପ୍ରତ୍ୟାବର୍ତ୍ତୀ ପ୍ରତ୍ୟୟ ଯାଏଁ
କ୍ଳାନ୍ତିହୀନ ଯାତ୍ରାର କାହାଣୀ
ଚିର ସହଚର ପ୍ରେମିଳ ପବନ
ଯାର ପ୍ରଶସ୍ତ ଛାତିରେ
ଉଡ଼ି ଉଡ଼ି ଯାଉଥାଏ ବୁଣି ।

ଈପ୍‌ସିତ ମହାଭିସାର ପାଇଁ
ଆକାଶ ସହ
ଉପରକୁ ଉଠୁଥିବା
ମାଟି ବି ତାହାର
ଆଞ୍ଜୁଳା ଆଞ୍ଜୁଳା ଜୀବନ ହେଇ
ମାଟିକୁ ପଶୁଥିବା
ମେଘ ବି ତାହାର
ବାହରକୁ ଲେଖୁଥାଏ ଭିତର ଯେତିକି
ଭିତରକୁ ସେତିକି ବାହାର ।

ସରାଗସିକ୍ତ
ଆଖି ହଳେ ନେଇ
ଯଦି କେଇଟି ମୁହୂର୍ତ୍ତ
ଅନେଇ ଦିଅନ୍ତା ସେ ଦିଗ୍‌ବଳୟକୁ
ଏ ମଣିଷ
ସ୍ଥଗିତ କରି
ଯନ୍ତ୍ରରେ ଭିଆଇଥିବା
ନିଜ ସହ ନିଜର ଲଢ଼େଇ
ସତକୁ ସତ
ହେଇଯାଆନ୍ତା
ସେଇ ଗୋଟିଏ ଆଶ୍ଳେଷରେ
ସ୍ୱର୍ଗ ଓ ମର୍ତ୍ତ୍ୟକୁ
ଏକୀଭୂତ କରିପାରୁଥିବା
ବିସ୍ମୟ ଚଢ଼େଇ ।


ଅଧ୍ୟାପକ,ସ୍ନାତକୋତ୍ତର ଇଂରାଜୀ
ଭାଷା ଓ ସାହିତ୍ୟ ବିଭାଗ,ପଞ୍ଚାୟତ
ମହାବିଦ୍ୟାଳୟ,
ବରଗଡ଼ -୭୬୮୦୨୮
ମୋ :୯୯୩୮୭୭୦୫୭୨


## ରଫ୍ ଖାତା

### ଦୀପ୍ତି ମିଶ୍ର



ପ୍ରତିଶ୍ରୁତି ଦେବାରେ କାର୍ପଣ୍ୟତା
ବା କାହିଁ ??
ସେ ତ ଶବ୍ଦ ଚାତୁରୀର ଖେଳ
କେତେବେଳେ ବାହାର ଖେଳ
କେତେବେଳେ ଭିତର.....

କେବେ ଆଲୁଅରେ ,
କେବେ ପୁଣି ଅନ୍ଧାରରେ.....
ବହୁରୂପୀ ଏଣ୍ଡୁଅ ପରି
ପ୍ରତିଶ୍ରୁତି ବି ରଙ୍ଗ ବଦଳାଏ....

ନିର୍ଲଜ୍ଜ ଙ୍କ ଦିନଲିପି ରେ,
କେତେବେଳେ ଯେ
ଶବ୍ଦ ମାନେ ପଛ କରି ଦିଅନ୍ତି ....

ଏଠି କିଏ କାହାର ପ୍ରତିଶ୍ରୁତି କୁ
ଆଉ ଡ଼ାଏରି ଟା ଅନାବନା
ରଫ୍ ଖାତା ପାଲଟି ଯାଏ ।

ହେ ସମୟ !!!
ତୁମେ କେବେ ହେନା ଫୁଲ ର
ବାସ୍ନା ରେ ବାସ୍ନାୟିତ
କରିଦିଅ ମୋର ନୀରବତାର
ମୁହୂର୍ତ୍ତ ଗୁଡ଼ିକୁ..... ପୁଣି
ଜାଣେନା କେବେ
କାହିଁକି କଣ୍ଟକିତ ହୋଇ ଉଠେ
ସ୍ୱପ୍ନମୟ ଆଶାର କଳିକା....

କଣ୍ଟା ଓ ଫୁଲର ମିଶ୍ରିତ ପାଖୁଡ଼ାରେ
ସତେ ଅବା ଜୀବନ
ଏକ ରଫ୍ ଖାତା ସଦୃଶ
ସଂସାରକୁ ବୋଝ ଭଳି
ମୁଣ୍ଡାଇ ଥାଏ ।

ପବନରେ ଉଡ଼େଇ ଦିଏ ତ....
କିଏ ପାଣି ର ଗୀତ କରି
ସ୍ରୋତସ୍ୱିନୀ ରେ ଉଝେଇଁ ଦିଏ ...

ରଫ୍ ଖାତା ସଦୃଶ
ଜୀବନର ପ୍ରତିଟି ପୃଷ୍ଠା
କେତେ ବେଳେ
ଦୀର୍ଘ ଶ୍ୱାସର ଲୁହରେ
ଓଦା ହୋଇ ଯାଇଥାଏ
ଜଣା ବି ପଡେନି ।


+ ବାରିପଦା
ମୋ -୯୪୩୮୪୦୪୩୦୮


## ସ୍ମୃତିର ପ୍ରେରଣା

### ଯଶୋବନ୍ତ ସାହୁ

କଣ କହିବି ମନର ବେଦନା ପରିସ୍ଥିତି ଦେଲା ଦଃଖ,
ହେତେଇ ପାରୁନି ବିତିଗଲା
ସେହି ଜୀବନର ଯେତେ ସୁଖ,
କେତେ ?ଯେ ମୋହର ମାନ ଅପମାନ,
ରାଗରୁଶା ହେଲା ଶେଷ।

ବାଲ୍ୟକାଳେ ମୁହିଁ କରିଛି କେତେ ଯେ
ପାପପୂଣ୍ୟ ଦୁଇ କଥା,
ପାପ କଥା ତଳେ ରହିଛି କେତେ
ଯେ ମିଠା ମିଠା କେତେ ଭାଷା ?
ଭୂଲ୍ କାମ କରି ମାଡଖାଇ ମୁହିଁ,
ଲୁଚିଛି କେଉଁଠି ଯାଇ ?
ଭାବିଲେ କି ହେବ ?
ସେହି ସମୟକୁ ସେତଗଲା ଏବେ ଚାଲି,
ଅତୀତର ସ୍ମୃତି ଅତୀତର କଥା ଏବେ ମନେ ପଡେ ଖାଲି,
ଅତୀତର କଥା ଭାବି ଘୁରେ ମଥା,
ରହିବ ଏ ସ୍ମୃତି ହୋଇ।

ଗଲା କଥାକୁ ମନେ ନ ପକାଇ ଭୂଲି ଯିବା ହେବ ଭଲ,
ଗଲା କଥା ଭୁଲି ନୂତନ ଜୀବନ ଆରମ୍ଭ କରିବା ମୂଳ,
ଆରମ୍ଭ କରିବା ନୂଆ ଆଶା ନେଇ,
ନୂଆନୂଆ ସବୁ କିଛି।

ପରକୁ ଆପଣା ଆପଣାକୁ ପର କେବେ ନ କରିବା ଭାଇ ?
ମିଳିମିଶି ହୋଇ ରହିଲେ ସମସ୍ତେ ପ୍ରାଣ ହେବ
ଦୀର୍ଘସ୍ଥାୟୀ,
ଜୀବନକୁ ସ୍ୱଚ୍ଛ ସୁନ୍ଦର କରିବା,
ଜନତାଙ୍କ ହିତ ପାଇଁ।
ମାୟା, ମୋହ, କ୍ରୋଧ ତ୍ୟାଗ କରିଦେବା ଏ ଅଟଇ
ମହାଶତ୍ରୁ,
ଏସବୁ ରହିଲେ ସୁଖ ଜୀବନରେ ଅଶାନ୍ତି ଆସିବ ସବୁ,
ସ୍ନେହ, ଶାନ୍ତି, ପ୍ରୀତି ହୋଇଯିବ ଦୂର,
ଆସିଯିବ କେତେ ବାଧା ?

ସୁଖର ଜୀବନେ ନିଆଁ ଲାଗିଯିବ, ହୋଇଯିବ ଅନ୍ଧକାର,
ଅନ୍ଧାରର ଘରେ ଦେଖି ପାରିବାନି ଆଲୁଅର ପ୍ରତିକାର,
ଅନ୍ଧକାର ଘରେ ନ ଥିଲେ ଆଲୋକ,
ହେବ ଦଶଦିଗ ଶୂନ୍ୟ।

ସୁଖର ସଂସାର ସୁଖରେ ବିତିବା ଏହା ତ ନୁହଇ ଭଲ,
ଦୁଃଖର ସଂସାରେ ଦୁଃଖକୁ ମଣିବା ସୁଖ ଜୀବନର ଖେଳ,
ତେବେ ହେବ ସୁଖ ରହିବନି ଦୁଃଖ,
ଦୁଃଖ ହେବ ନିଶ୍ଚେ ଦୂର।

ଶିଖିବାକୁ ହେବ ଗୋଲାପ କଢରୁ
ତା ଦେହରେ କଣ୍ଟାଥାଇ,
ଫୁଟୁଛି ଯେମିତି ଅତି ଯତନରେ ଦୁଃଖକୁ ମନେ ଭୁଲାଇ,
ଦୁଃଖ ଥିଲେ ଥାଉ ଆନନ୍ଦେ ରହିବା,
ଗୋଲାପର ଫୁଲ ପରି।
ଏତିକି ଲେଖି ମୁଁ କବିତାକୁ ମୋର କରି ଦେଉଅଛି ଶେଷ,
ଯଦି ଭୁଲ୍ ଥିଲେ କ୍ଷମା କରିଦେବ
ନ ଧରିବ ମୋର ଦୋଷ।


♥ଗ୍ରାମ- କୁଣ୍ଡାବୁଟଲା, ଜିଲ୍ଲା- ବଲାଙ୍ଗିର (ଓଡ଼ିଶା)
ମୋ: ୮୬୫୮୦୪୦୨୬୫




## ନିଃସଙ୍ଗ ଜୀବନ

### ଡ.ମନୋରଞ୍ଜନ ବିଷୋୟୀ

ନିଜ ଛାଇ ତଳେ
ବୋଝ ହୋଇ ଯାଇଥିବା
ନିଃସଙ୍ଗ ମଣିଷଟେ ମୁଁ
ଅନେକ କୁହା ଅକୁହା
ଶବ୍ଦମାନଙ୍କ ଗହଳି ଭିତରେ ।
ଏବେ ଆଉ କ'ଣ ବା ବାକି ଅଛି
ଜୀବନର ହିସାବ ଖାତାରେ
କାହାର ମୁଁ କେହି ନୁହେଁ
କାମ ସରିଗଲା ପରେ ।
ମୁଁ ବା କ'ଣ ଜାଣିଥିଲି
ପଛକୁ ଫେରି ଚାହିଁଲା ବେଳେ
କେହି ନଥିବେ ମୋ ସାଥିରେ ।
ଏବେ କେବଳ ଅବ୍ୟକ୍ତ ଅଶ୍ରୁରେ
ଆର୍ଦ୍ର ହେଉଥାଏ ଗଣ୍ଡସ୍ଥଳ
କେତେ ଯେ ନୀରବ ପ୍ରହରେ ।
ତଥାପି ସାପ ସିଡ଼ିର ଖେଳ ତ
ଏ ଜୀବନ, କେବେ ଜିତି ପୁଣି
କେବେ ହାରିବାକୁ ପଡ଼େ ।


ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭




## ନିଭୃତ ସହର

### ଡ. ମାଙ୍ଗଳିକା ମହାପାତ୍ର

ତୁମ ଆଖିଠୁ ଦୂରରେ
ଆର ସୀମାରେ, ହୃଦୟରେ
ତୁମ ଅନୁଭବ କିନ୍ତୁ ଅଦୃଶ୍ୟରେ
ଚାରିପଟେ ସ୍ପନ୍ଦିତ ହେଉଥିବା
ଶବ୍ଦର ସମାହରେ...

ତୁମେ ଯେଉଁଠି ବି ଥାଅ
ଆସ ନିତି ସ୍ୱପ୍ନରେ
ଆଖି ଖୋଲିବାକୁ ଡରେ
ପୁଣି ଫେରିଯିବ ଯେ
ଅପରିଚିତ ସାଜି ଦୂରେ...

ଜାଣେନା କେବେ କିଛି
ଯନ୍ତ୍ରଣା ଥାଏ ତୁମ ପାଖରେ
ଚହଲାଇ ଦିଏ ତୁମ ଛବିକୁ
ଅଜଣା ଆଶଙ୍କାରେ
ଅଶୁଭ ମୁହୂର୍ତ୍ତରେ...

ସତେବା ବସିଯିବ ତୁମେ
ସେଇ ହୃଦୟରେ,ଅଜାଣତରେ
ରହିଯିବି ମୁଁ ଅଭିମାନରେ
ପଛକୁ ଚାହିଁବିନି ବି ଥରେ
ସେଇ ନିଭୃତ ସହରରେ...


+ ରେଭେନସା ବିଶ୍ୱବିଦ୍ୟାଳୟ


## ମୋ ପ୍ରେମ କବିତା

### ପୂଜା ଷାଣ୍ଡ

ଅନାୟସରେ ପ୍ରେମ ନ ଦିଏ ଧରା
ଯେପରି ସରଗ ତରା
ହେଲେ ମୋ ପ୍ରେମ ମୋ ହୃଦୟ
ଭାବରେ ଯାହା କଲମ ମୁନରେ
ଅନ୍ତଃସ୍ୱତଃ ଭାବେ ନିର୍ଗତ ଏ କଥା
ମୋ ପ୍ରେମ ନାମ କବିତା

କଳାତ୍ମକ ପ୍ରକାଶର ଆବେଗ
ଶକ୍ତିଶାଳୀ ଭାବାବେଗ
ସୌନ୍ଦର୍ଯ୍ୟ ଅନୁଭବର ପ୍ରତିରୂପ
ମୋ ପ୍ରେମ ଆତ୍ମିକ ପ୍ରଦୀପ
ନୀରାଶରେ ହେବାକୁ ନ ଦିଏ ଦୁଃଖି
ଦୁଃଖେ ଦିଏ ପଦେ ଲେଖି
ପାହେ ରଜନୀ କବିତା ପଢ଼ି ପଢ଼ି
ରଚେ ଭିନ୍ନ ରୂପ ଗଢ଼ି
ପ୍ରାକୃତିକ ଦୃଶ୍ୟ ଭରା ରହିଛି
ମୋ ପ୍ରେମ ଶୋଭାପାଉଛି

ଭାବିବାକୁ ଜାଣିବାକୁ ସୁନ୍ଦର
ମୋ ପ୍ରେମ ସ୍ମୃତି ମଧୁର
ଶ୍ରୋତାଙ୍କ ପ୍ରାଣକୁ ଆମୋଦିତ କରେ
ମୋ ପ୍ରେମ ଯଥା ନ ସରେ
ଗୋଟେ ସ୍ୱତଃ ପରିସ୍ଫୁଟ ଅନୁଭୂତି
ମୋ ପ୍ରେମ ଅପୂର୍ବ ସ୍ମୃତି ।


♥ଗ୍ରାମ-ବଡବାଉସେନ
ଜିଲ୍ଲା-ବରଗଡ


## ଉଠ୍ ବା, ଉଠ୍

### ମାଧୁରୀ ନନ୍ଦ

ରାତିସାରା ଜାଗେ ଯିଏ ମୁଠେ ଭାତ ପାଇଁ
ସେ ଭାରତ
ପାହାନ୍ତି ପହରେ ଧାନକେଣ୍ଡା
କାକରରେ ବୁଡମରାବେଳେ
ଶୋଇଥାଏ ସିଏ କିନ୍ତୁ ନିଘୋଡ ନିଦରେ
ଯେତେ ଡାକିଲେ ବି ଝିଅ ହଲେଇ ହଲେଇ ତାକୁ
ଦେହସାରା ମାରି କୁନିହାତ :
ବା' ଉଠ୍, ଉଠ୍ - ସକାଳ ହେଲା ତ
କୋଉଁ ଶୁଣୁଥାଏ ଯେ ସେ
ସତେ ଅବା ଗଜପତି ଛତ୍ରପତି -
ତା ଛପର କୁଡିଆର ଖୋଦ୍ !

ଖୁବ୍ ଗୋଟେ ଖିଆଲି ମଣିଷ
ଭଲପାଏ ମା କୋଳ
ପୁଷିଆ ଧାନ ପରିକା ପଡ଼ିଲାଣି ପାକଲା ପଛକେ
ଜହ୍ନ ଦେଖେ ଶୈଶବକୁ ଉଖାରି ଉଖାରି
ଝିଅକୁ କାନ୍ଧେଇ ପୁଣି ହାଟଆଡ଼େ ନେଲାବେଳେ
ଭାବୁଥାଏ : ଟୁଇଁ ଉପରେ ତା ଉଇଁଆସେ ସୁନାଚାନ୍ଦ
ନାଲିନେସା ହଳଦିଆ ବେଲୁନ୍ ପରିକା
ଆଉ ଏଠି ଜହ୍ନିଫୁଲ କାକୁଡିଫୁଲ ବି କିଛି
ମିଳିମିଶି ଗାଉଛନ୍ତି ଠୋ ଠା ଖୁସିଗୁଡ଼େ କୋରସ୍ କରିକା।

ମନୁଆ ବୋଲି ସେ ବୋଧେ ମାତାଲ ହୁଏ ନା କ'ଣ
ଭାବିନିଏ ହିଡକୁ ଏରୁଣ୍ଡି
ଆଖିର ନିଶାରେ ଏତେ ଘାରିହୁଏ ସକାଳଟାରୁ ଯେ
ଅନତି ଦୂରରୁ ଦେଖେ ଘାସର ପାଉଁଜି ପିନ୍ଧି,
ସରୁଅଣ୍ଟା ହଲେଇ ହଲେଇ
ଆସୁଛି ତା ତୋଫା ତନୁପାତଳୀ ମାନସୀ
ମଲ୍ଲୀଫୁଲିଆ ବା ଗୋଟେ ସଫାହସ ହସି
ଭିଡିଧରେ ଛାତିରେ ଅଜାଡ଼ିବାକୁ ସବୁ ଇଚ୍ଛା
ଉତୁରିଲା ବେଳକୁ ତା ନିଶା କିନ୍ତୁ
ଖିଲିଖିଲି ହସୁଥାଏ ସଫେଦ୍ ସକାଳ
ଭାରତ ସିଏ ତ ସଦା
ବକଟେ ତା କୁଡ଼ିଆର ସେନେହକାଙ୍ଗାଳ ।


♥ ଭୀମପୁରା, ବାଲେଶ୍ୱର
ମୋ: ୯୪୩୮୫୩୩୦୪୨


## ଶୀତକାଳୀନ ଦୁଇଟି କବିତା

### ପ୍ରଶ୍ନ କୁମାର ଶତପଥୀ



#### ।। କିଛି ରଙ୍ଗ ଆଉ ବେରଙ୍ଗ ।।

ରଙ୍ଗବିନା କିଏ ରହିପାରିବ
ଏଇ ସବୁଜ
ସୁନ୍ଦର ଧରିତ୍ରୀରେ ?
ସବୁ ଜୀବନ ଫୁଟିଅଛି
ଆମ ଜଗତରେ
ରଙ୍ଗମାନଙ୍କ ଛବିରେ ।
ସବୁ ରଙ୍ଗ ଭିତରୁ
ପ୍ରକୃତି ରଙ୍ଗ ଲାଗଇ
ଭାରି ନିଆରା ନିଆରା,
ସକାଳ ସନ୍ଧ୍ୟାରେ
ଭାସୁଥିବା ରଙ୍ଗ
ଅନୁଭବ ହୁଅଇ ଖୁସିଭରା ।
ସୂର୍ଯ୍ୟାସ୍ତ କାଳରେ
ବଉଦ ପଶ୍ଚିମ ଆକାଶସାରା
ବିସ୍ତାର ହୁଅଇ,
ତେବେ ସୂରୁଜ ରଙ୍ଗ
ମୋ ଜଗତେ ସେଇ କ୍ଷଣକେ
ଫିକା ଫିକା ଦିଶଇ ।
ତଥାପି ପଶ୍ଚିମ
ବହଳ ବଉଦ ସାଉଁଟଇ
ରଙ୍ଗଭରାର ରୂପ,
ସେଇ ମେଘ ଦେହରେ
ଅଦୃଶ୍ୟ ରବିର
ଛପିଛି କିରଣର କୋପ ।

#### ।। ମେଘ ଶୀତର କୁହୁକ ପରଶ ।।

ଧରିତ୍ରୀ ଆକାଶ ମଧରେ
ଯେଉଁ ଶୂନ୍ୟତା,
ସେଇଠି ଥାଇ ବାଦଲ
ଭାସି ଭାସି ଆବରିଛି ଶୂନ୍ୟକୁ,
ସୂର୍ଯ୍ୟଙ୍କ ଶୀତ ଦିନିଆ ତାପକୁ ।
ମାଟିରେ ଥାଇ
ଜୀବ ଖୋଜୁଛି ସୂର୍ଯ୍ୟଦେବଙ୍କୁ,
ଆଖିଡ଼ୋଳା ବୁଲୁଛି ଆକାଶାସାରା,
ଦେଖୁଛି କେବଳ କୁହୁଡ଼ିଭରା,
ମେଘଭରା ଶୂନ୍ୟଦେଶ ।
କୁହୁଡ଼ି ଓ ମେଘ ବିସ୍ତାରରେ ଶୂନ୍ୟ,
ଅଜାଡ଼ି ଦିଏ
ଗୁଣ୍ଡିଗୁଣ୍ଡି ଜଳକଣା ।
ଜଳକଣା ମୋ ଦୁନିଆରେ
ଚରିଯାଏ ଶୀତ ସମୟରେ,
ଦିନ ରାତି
ସର୍ବାଙ୍ଗ କମ୍ପି ଉଠେ,
ଦେହ ମନ ରୋମାଞ୍ଚିତ ହୁଏ,
ପୁଣି ଭୀଷଣ
ମେଘୁଆପାଗର ଶୀତରେ
କୁହୁକ ପରଶ ପ୍ରେମରେ
ମନ ପୁଲକିତ ହୁଏ ।


♥ଦୁମାଡ଼ିହି, ଜାମଦା
ମୟୂରଭଞ୍ଜ


## ସ୍ମୃତି ଚିହ୍ନ...

### ସୁହଂସ ଭୋଇ

ଏକାନ୍ତରେ ଦିନେ ସାଉଁଟିଲି କିଛି
ଅତୀତର ସ୍ମୃତି ଚିହ୍ନ
ଏବେବି ଅମ୍ଳାନ ଅଛି ଚିହ୍ନ ମାନ
ସତେ ପୌର୍ଣ୍ଣମାସୀ ଜହ୍ନ.....

ମନ ଗହନରେ ନୟନ ଆଗରେ
ଝଲସି ଉଠେତା ବର୍ଣ୍ଣ
ସୁରୁ ସୁରୁ ବହି ଛୁଏଁ ରହି ରହି
ପୁଲକିତ ହୁଏ ପ୍ରାଣ.....

ଜୀବନ ପୋଥିର ଅନୁଚ୍ଛେଦ ଅଛ
କିଛି ପୂର୍ଣ୍ଣ କିଛି ଭଗ୍ନ
ପୂର୍ଣ୍ଣତାରେ ମନ ହୁଅଇ ତଲ୍ଲୀନ
ଅପୂର୍ଣ୍ଣ ଦିଏ କଷଣ....

ସ୍ମୃତି ଅଙ୍ଗଦେଶ ତା ଉଷୁମ ସ୍ପର୍ଶ
ଉଲ୍ଲସିତ କରେ ମନ
ସ୍ମୃତିର ଲୁହରେ ଭିଜିଗଲେ ଥରେ
ତୃପ୍ତି ରେ ଭରେ ଆନନ...

ବିଜନ ବେଳାରେ ଘୁରେ ବେଳେ
ବେଳେ
ଆୟତୋଟା ନଈ ବଣ
ଚାଲୁଛି ଆଗକୁ ଆହୁରି ଆଗକୁ
ଦେଖି ତାର ପାଦ ଚିହ୍ନ.....

ଇଶାରାର ତୀର ମାରେ ବାରମ୍ବାର
ହୃଦୟ କରେ ଦହନ...
ନିଶାର୍ଦ୍ଧରେ ପଶି ନିତି ଭାଙ୍ଗୁଥାଏ
ମନ ମଧୁର ସପନ...

ଜୀବନ ନଈରେ ପଡିଅଛି କେତେ
ସ୍ମୃତି ଶିଳା ଖଣ୍ଡ ମାନ
ଯେତିକି ଘସିଲେ ସେତିକି ଚିକ୍କଣ
ଅମଳିନ ସ୍ମୃତି ଚିହ୍ନ....


♥ବିଜେପୁର, ବରଗଡ଼


## ସ୍ମୃତି ପାଉଁଶ

### ବିଜୟ କୁମାର ପଣ୍ଡା

ଛାଇକୁ ନିଜର କରିବା
ଯେବେଠୁଁ ଶିଖିଲି
ପଛ କଥା ଭୂଲି
ନିଜ ଭିତରେ ନିଜେ ଯେବେଠୁଁ
ଜିଇଁଲି
ତମେ ଈର୍ଷାରେ ଜଳିଲ
ମୋ ଦୁନିଆଁରେ ପୁଣିଥରେ
ପାଦ ଥାପିବାକୁ ଚାହିଁଲ
ସ୍ମୃତିର ପାଉଁଶରେ ସ୍ୱପ୍ନ ଖୋଜିବାକୁ
ମୁଁ ଧୈର୍ଯ୍ୟ ଯୁଟାଇ ପାରିଲିନି
ତୁମେ ସମ୍ପର୍କର ସଉଦା କରୁଥିଲ
ହେଲେ,ସେ ହିସାବ ରଖିବାକୁ
ପୁଣିଥରେ ମୋ ହୃଦୟ ବ୍ୟାକୁଳ
ହେଲାନି।


ସମ୍ପାଦକ- କନକପ୍ରଭା,
ଭର୍ତ୍ତୁର, ବେଙ୍ଗାଲୁରୁ
(ମୋ) : ୯୭୩୯୫୯୧୮୧୬


## ସୁକୁମାରୀ ପ୍ରିୟା ତମେ

### ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ଶିଉଳି ଘାଟର ସୁକୁମାରୀ ତମେ
ପ୍ରୀତି ସର୍ଜନାର ସାକ୍ଷୀ,
ତୁମ ଆଶେ ତପ୍ତ ଲୁହ ମୋ ସଂଶିତ
ହେଲାଣି, ପାରୁନ ଦେଖି ?

ଭରି ପର୍ଣ୍ଣ ହୀନ ପ୍ରାଣେ ତୁମ ଚିହ୍ନ
ଗଢ଼ିଲି ସ୍ୱପ୍ନ ବନାନୀ,
ତଥାପି ତ ତୁମ
ହୃଦେ ତା ସ୍ପନ୍ଦନ
ଦିନେ ହେଲେ ଶୁଭିଲାନି !

ଆକୁଳ ହୃଦ ମୋ
ଦେଖିଲା ତୁମର
ଦୁରନ୍ତ ମୌନ ଦୁର୍ଭିକ୍ଷ;
ଆର୍ତ୍ତ କୋଳାହଳେ
ଭରା ଅଶ୍ରୁ ଛଳେ
ମୋ ହୃଦୟ ଅନ୍ତରୀକ୍ଷ।

ତୁମ ପଥ ଚାହିଁ
ଯାଏ ଏକା ଗାଇ
ଅଶ୍ରୁଳ ବିରହ ଗୀତ;
ବିଧୁରା ବୀଣା ରେ
ମୋ ଶିରା ପ୍ରଶିରା
ସବୁ ହୁଏ ଝଙ୍କାରିତ।

ଜହ୍ନ ଆଉ କଇଁ
ବିରହ ବେଦନା
କାନେ ଦିନେ ଶୁଣିଥିଲି;
ଆଜି ତୁମ ବିନେ
ଭାବେ ମୋ ଜୀବନେ
ସତ ହେଇଗଲା ବୋଲି।

ତୁମ ସାଥେ ମୋର
ମିଳନ କାଳର
କୋଳେ ସଂକ୍ଷିପ୍ତ ଭଗ୍ନାଂଶ;
ଚିରସ୍ରୋତା କାଳ
ଗର୍ଭେ ଯିବ ଲୀନ
ବୃଥା ଆମ ହାଡ଼ ମାଂସ ।


♥ସହଦେବଖୁଣ୍ଟା, ବାଲେଶ୍ୱର
ମୋ: ୭୭୮୮୯୭୭୨୭୬


## ମୁହୂର୍ତ୍ତର ମୌସୁମୀ

### କାର୍ତ୍ତିକ ସେଠୀ

ଦଲକାଏ ପବନ ବୋହିଗଲା,
ଲୁହଟା ଶୁଖିବ ଶୁଖିବ ହେଉଥିଲା
ଯେ,
ପୁଣିଥରେ ଆଖିଟା ଜକେଇ ଆସିଲା
ହାତଟା ଲୁହ ପୋଛିବାକୁ ଉପରକୁ
ଉଠନ୍ତେ
ମନ ମନା କଲା, ସେମିତି
କରନାରେ....
ତାକୁ ବୋହିବାକୁ ଦେ...
କ୍ଷଣାନ୍ତେ ଏହି ଅନୁରୋଧଟାକୁ ବି
ମାନିନେବାକୁ ଇଚ୍ଛା ହେଲା ।
ଉଷ୍ମ ମୋତିଗୁଡ଼ିକ ନିଗିଡି ପଡୁଥିଲେ
ଦିହମନ ହାଲୁକା କରିଦେଇ,
ଏବେ ପୁଣିଥରେ ଆସିଗଲା
ଦଲକାଏ ପବନ
ଅମୃତାଞ୍ଜନିଆ ସୁରଭି ସାଥିରେ ।

ଶୀତଳତାରେ ଆଖି ମୁଦି ଯାଉଥିଲା
ବଳେ
ମୁହୂର୍ତ୍ତର ମୌସୁମୀଟା
ପହଞ୍ଚେଇଦେଇଥିବା
ନୂଆ ଘୋଡ଼ାଟା ଫଡ଼ଫଡ଼ ହେଉଥିଲା ..
ସବାର ଅପେକ୍ଷାରେ .. ।

ଏବେ ବର୍ଷାନ୍ତ ଥକ୍କାପଣ ଭାରରେ
ଅବଶ ମନଟା ମୋର
ସବାର ହେବାକୁ ଚାହୁଁ ନାହିଁ,
ଘୋଡ଼ା କିନ୍ତୁ ନେଇଯିବାକୁ ତତ୍ପର !

ଜୋସିଲା ବୁଟ୍‌ର ଜୋସ୍, ଜିନ୍‌ର
ର ସାଥି ଦେବ କି ନାହିଁ, ଜାଣେନା !

ତଥାପି ସାମିଲ୍ ହେବାକୁ ହେବ
ସେଇ ଚିରାଚରିତ ଦୌଡ଼ରେ,
ଆଶାଟିଏ ବାନ୍ଧି
ଗାଇବାକୁ ନୂଆ ଏକ ଗୀତ୍,
ସ୍ୱାଗତମ୍ ନବବର୍ଷ ।


♥ପ୍ରତିଷ୍ଠାତା ସମ୍ପାଦକ, ଶବ୍ଦକୁଞ୍ଜ
ପରିବାର, ଚଉମୁଖ, ବାଲିଆପାଳ,
ବାଲେଶ୍ୱର
ମୋ: ୮୦୯୩୬୭୧୨୬୪

# ରାଜ୍ୟରେ ସାମ୍ବାଦିକମାନଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯିବ: ମନ୍ତ୍ରୀ ପ୍ରଦୀପ ଅମାତ

ବୌଦ୍ଧ, ୦୨/୦୧ (ନି.ପ୍ର): ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ସ୍ଥାନିୟ ଟାଉନହଲ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ସଂଘର ସଭାପତି ରତ୍ନାକର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ରାଜ୍ୟରେ ସାମ୍ବାଦିକମାନଙ୍କ ସବୁ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ । ଉତ୍ସବରେ ମୁଖ୍ୟବକ୍ତା ଭାବରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ଯୋଗଦେଇ ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ବୀମାଭୁକ୍ତ କରି ସାମ୍ବାଦିକ ଗଣନା ନେଇ ରହିଥିବା ସଂଶୟ ଦୂର କରିଥିବା ବେଳେ ବୀମା ରାଶି ବୃଦ୍ଧି କରିବା, ଅବସରକାଳୀନ ଭତା ପ୍ରଦାନ କରିବା ଉପରେ ଆଲୋକପାତ କରିଥିଲେ । ଦେଶରେ ୧୬ ଟି ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ଅବସରକାଳୀନ ଭତା ପ୍ରଦାନ କରୁଥିବା ବେଳେ ଓଡ଼ିଶାରେ ଏପର୍ଯ୍ୟନ୍ତ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ତେଣୁ ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ନଚେତ ଆଗାମୀ ଦିନରେ ରାଜ୍ୟବ୍ୟାପୀ ସାମ୍ବାଦିକମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାଶ ଓ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଅଂଚଳର ବିକାଶରେ ସାମ୍ବାଦିକମାନଙ୍କ ପ୍ରମୁଖ ଭୂମିକା ରହିଥିବା ପ୍ରକାଶ କରିଥିଲେ । ଅନ୍ୟତମ ବକ୍ତା ଭାବରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଓ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହିତ ଜିଲ୍ଲାରେ ସାମ୍ବାଦିକମାନଙ୍କ ପ୍ରେସ କଲୋନୀ ସ୍ଥାପନ କରାଯିବାକୁ ଜାଗା ଚିହ୍ନଟ ପାଇଁ ଦାବି କରିଥିଲେ । ଉତ୍ସବରେ ସମସ୍ତ ଅତିଥିମାନଙ୍କୁ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଜିଲ୍ଲା ସଂଘର ବରିଷ୍ଠ ସଦସ୍ୟ ରବିନ୍ଦ୍ର କୁମାର ରାଉତ, ଅଜିତ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସୁବର୍ଣ୍ଣପୁର ଜିଲ୍ଲା ସଂଘ ସଭାପତି ଗୋରେଖନାଥ ସାହୁ, ମାଲକାନଗିରି ଜିଲ୍ଲା ସଂଘ ସଭାପତି ଦୁର୍ଯ୍ୟଧନ ପାତ୍ର, କନ୍ଧମାଳ ଜିଲ୍ଲା ସଭାପତି ସନ୍ତୋଷ ଦାଶ ଓ ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ତ୍ରିପାଠୀ, ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରଭାତ ମିଶ୍ର ଓ ଗଞ୍ଜାମ ଜିଲ୍ଲା ସଭାପତି ଅନିଲ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୨ ମେଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ପାଇଥିବା ଅନୁଷ୍କା ଅଗ୍ରୱାଲାଙ୍କୁ ମଧ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ବରିଷ୍ଠ ସଦସ୍ୟ ଦେବାଶିଷ ପୁରୋହିତ ମଂଚ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଗେହ୍ଲାମା କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# କଳାହାଣ୍ଡି ଜିଲ୍ଲାରେ ପୁରୁଷ ହକି ବିଶ୍ୱକପ୍ ଟ୍ରଫିକୁ ବିପୁଳ ସ୍ୱାଗତ

ଭବାନୀପାଟଣା, ୧ ଜାନୁୟାରୀ (ହି.ସ) - ଏଫ୍ ଆଇ ଏଚ ପୁରୁଷ ବିଶ୍ୱକପ ହକି ଟ୍ରଫି କୁ ଆଜି କଳାହାଣ୍ଡି ଜିଲ୍ଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ ,ଶୋଭାଯାତ୍ରା ମାଧ୍ୟମରେ ଭବ୍ୟ ସ୍ୱାଗତ କରାଯାଇଛି । ଦିବା ୧୨.୦୦ ଘ ସମୟରେ ଆଜି ଜିଲ୍ଲା ସିମାବର୍ ଆମ୍ପାଣି ଠାରେ ବିଶ୍ୱକପ ଟ୍ରଫି କୁ ସାଂସ୍କୃତିକ ଦଳ, ଘୁମୁରା ବାଦ୍ୟ ରେ ଧର୍ମଗଡ ବିଧାୟକ ମୌଶଧି ବାଗ,ଧର୍ମଗଡ ଉପ ଜିଲ୍ଲାପାଳ ଶ୍ରୀ ବେଦ୍ ଭୂଷଣ, ବି ଡି ଓ କୋକସରା ଉତମ ବାଗ,ସରପଂଚ, ସମିତି ସଭ୍ୟ,ଜଣ ସାଧାରଣ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ରଥକୁ ମୋଟେର ଠାରେ ସ୍ୱାଗତ ଜଣାଇବା ନିମନ୍ତେ ଜନ ସାଧାରଣ ଉପସ୍ଥିତ ଥିଲେ । ଜୁନାଗଡ଼ ଠାରେ ବିଧାୟକ ମୌଶଧି ବାଗ,ଉପ ଜିଲ୍ଲାପାଳ ବେଦ ଭୂଷଣ, ଏନ୍ ଏ ସି ଅଧ୍ୟକ୍ଷ ଶ୍ରୀ ମୁକେଶ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷା ସବିତା ମେହେର,ପଞ୍ଚାୟତ ପ୍ରତିନିଧି,ଜଣ ସାଧାରଣ ସ୍ୱାଗତ କରିଥିଲେ । କୁଟ୍ଟୁଖମାର ଠାରେ ସ୍ୱାଗତ ପରେ ରଥ ଭବାନୀପାଟନା ଟାଉନ ହଲ ଠାରେ ପହଂଚିଥିଲା । ଟ୍ରଫି କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ , ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଏସ୍ ପି ଅଭିଳାଷ ଜୀ, ସି ଡ଼ି ଓ ଜିଲ୍ଲା ପରିଷଦ ସଚିନ ପାୱାର, ପୌରପରିଷଦ ଅଧ୍ୟକ୍ଷ ସଂଯୁକ୍ତା ବେହେରା ,ଉପ ଜିଲ୍ଲାପାଳ ଭବାନୀପାଟଣା ଡ ବିଶ୍ୱଜିତ୍ ଦାସ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ ଏବଂ ଉପସ୍ଥିତ ଜିଲ୍ଲା ଅଧିକାରୀ, ଏସ୍ ଏଚ ଜି ସଭ୍ୟା,ପୌରପରିଷଦ ୱାର୍ଡ ସଭ୍ୟ ସଭ୍ୟା, ନେହେରୁ ଯୁବ କେନ୍ଦ୍ର ର ସ୍ୱେଚ୍ଛାସେବୀ,ଜିଲ୍ଲା ବେଡମିନଟନ୍ ସଂଘ୍ ସଭ୍ୟ,କଳାକାର ସଂଘ କର୍ମକର୍ତା,ଜିଲ୍ଲା କ୍ରୀଡ଼ା ସଂଘ ସଭ୍ୟ, ପୂର୍ବତନ ଜନ ପ୍ରତିନିଧି ତଥା ଗଣମାଧ୍ୟମ ପ୍ରତିନିଧିଙ୍କ ଗ୍ରହଣରେ ପ୍ରାୟ ୫୦୦ ଜଣଙ୍କ ସମାବେଶରେ ଏକ ବିରାଟ ଶୋଭାଯାତ୍ରାରେ ସମସ୍ତେ ବାହାରି ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ପହଂଚିଥିଲେ । ଟ୍ରଫିକୁ ସ୍ୱାଗତ କରିବା ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ,ଜିଲ୍ଲାପାଳ, ଏସ୍ ପି ନିଜ ବକ୍ତବ୍ୟରେ ଓଡ଼ିଶା ଦୁଇ ଥର ହକି ବିଶ୍ୱକପ ଆୟୋଜନକୁ ଆମେ ଗର୍ବ କରିବା ସହ ଏହାର ସଫଳ ହେବାକୁ ଆମ ସମସ୍ତଙ୍କର ପ୍ରଚାର ପ୍ରସାର ଓ ଅନ୍ତର୍ଭୁକ୍ତ କୁ ଗୁରୁତ୍ୱ ଦେଲେ । ଏହି ଅବସରରେ ସକାଳେ ଅନୁଷ୍ଠିତ ଉଭୟ ବାଳକ ଓ ବାଳିକା ବିଭାଗରେ ଉତିର୍ଣ୍ଣ ୫ ଜଣ ପ୍ରତିଯୋଗୀଙ୍କୁ ଟ ୫୦୦୦, ଟ ୪୦୦୦, ଟ ୩୦୦୦, ଟ ୨୦୦୦, ଟ ୧୦୦୦ ଅର୍ଥରାଶି ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଏବଂ ମହିଳା ହକି ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।ସାଂସ୍କୃତିକ କାର୍ଯ୍ୟକ୍ରମ ଘୁମୁରା, କାପା ନୃତ୍ୟ ଦଳ ପରେ ଟ୍ରଫି ରଥ ନୂଆପଡ଼ା ଅଭିମୁଖେ ଯାତ୍ରା କରିଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ର ଆୟୋଜନ ଜିଲ୍ଲା କ୍ରୀଡ଼ା ଅଧିକାରୀ ମହେଶ ପାଢ଼ୀ କରିଥିଲେ ଏବଂ ନେହେରୁ ଯୁବ କେନ୍ଦ୍ର ସଂଯୋଜକ ପ୍ରସନ୍ନ ମେହେର, ଡି ଆଇ ପି ଆର୍ ଓ ମନୋଜ ବେହେରା, ଓ ଏଲ୍ ଏମ ଡି ପି ଏମ ପ୍ରସନ୍ନ ମିଶ୍ର, ଶ୍ରୀ ବିମ୍ବା ସାହୁ , ଆଇ ପି ଇ ମହେନ୍ଦ୍ର ପଣ୍ଡା, ଶ୍ରୀ ଯୋଗେନ୍ଦ୍ର କ୍ଷେତ୍ର ,ନବୀନ ନାୟକ,ସଞ୍ଜୟ ମିଶ୍ର,ସୁବାସ ନାଗ ପ୍ରମୁଖ ସହଯୋଗ କରିଥିଲେ ।

# ଭୁବନ ଆଂଚଳିକ ସାହିତ୍ୟ ସେବା ପରିଷଦ ତରଫରୁ ନୂତନ ବର୍ଷରେ କବିତା ପାଠୋତ୍ସବ ଓ ସାହିତ୍ୟ ଆଲୋଚନା

ଭୁବନ, ୦୨/୦୧ (ନି.ପ୍ର): ଭୁବନ ଅଂଚଳ ର କବି , ଲେଖକ ,ସାହିତ୍ୟିକ , ସାମ୍ବାଦିକ ଓ କଳାକାର ମାନଙ୍କୁ ନେଇ "ଭୁବନ ଆଂଚଳିକ ସାହିତ୍ୟ ସେବା ପରିଷଦ"ତରଫରୁ କବିତା ପାଠୋତ୍ସବ ମାଧ୍ୟମରେ ନୂତନ ବର୍ଷ କୁ ସ୍ୱାଗତ କରାଯାଇଥିଲା । ନବବର୍ଷ ଅବସରରେ ବରିଷ୍ଠ ନାଗରିକ ସଂଘ ସଭାଗୃହ ଠାରେ ଅନୁଷ୍ଠାନର ସଭାପତି ଆର୍ଯ୍ୟକବି ପଣ୍ଡିତ ଡ.ପ୍ରମୋଦ କୁମାର ମିଶ୍ର ଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଓ ସାହିତ୍ୟ ଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା । ସାଧାରଣ ସଂପାଦକ ଅଶୋକ କୁମାର ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ପ୍ରଶାସକ ହରିଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ରାଜ ନାରାୟଣ ତ୍ରିପାଠୀ ଯୋଗଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ପ୍ରଫେସର ବିବେକାନନ୍ଦ ପାଣିଗ୍ରାହୀ, ଭୁବନ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, ଜିଲ୍ଲା ଶିକ୍ଷକ ସଂଘ ସଂପାଦକ ବିପ୍ରବର ସାହୁ , ସାହିତ୍ୟିକ ଡା. ରବୀନ୍ଦ୍ର ସାହୁ ଯୋଗଦେଇଥିଲେ । ସଂଗଠନ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି , ଉପସଭାପତି ନାରାୟଣ ସାହୁ , କୋଷାଧ୍ୟକ୍ଷ କବୟିତ୍ରୀ ବିଳାସିନୀ ପୃଷ୍ଟି , ନାଟ୍ୟ ସଂପାଦକ ପ୍ରଶାନ୍ତ କୁମାର ଦ୍ୱିବେଦୀ , ଉପଦେଷ୍ଟା ଲକ୍ଷ୍ମଣ କୁମାର ସାହୁ, ରବିନ୍ଦ୍ର ବିଶ୍ୱାଳ , ଶ୍ରୀଧର ବେହେରା, ବରିଷ୍ଠ ସଦସ୍ୟ ରଥ କିଶୋର ସେଠୀ , ଦୁର୍ଗା ପ୍ରସାଦ ପୃଷ୍ଟି , ହୃଷିକେଶ ସାହୁ, ଚିତ ରଂଜନ ମିଶ୍ର, କବୟିତ୍ରୀ ଲଳିତା ନାୟକ ଙ୍କ ସମେତ ବହୁ ସଂଖ୍ୟକ କବି , କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠୋତ୍ସବ କରି ନବବର୍ଷ କୁ ସ୍ୱାଗତ କରିଥିଲେ । ପରେ "ସାହିତ୍ୟ ଦ୍ୱାରା ସମାଜରେ ପରିବର୍ତନ" ଶୀର୍ଷକ ରେ ଆଲୋଚନା ହୋଇଥିଲା । ଉପରୋକ୍ତ ଅତିଥିମାନେ ଆଲୋଚନାରେ ଭାଗନେଇ ସାରବର୍ଗକ ଭାଷଣ ଦେଇଥିଲେ । ଶେଷରେ ସଂଗଠନ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥରଲେ ।

# ଦେଓଗାଁ ବ୍ଲକ ବିଭିନ୍ନ ମଣ୍ଡି ପରିଦର୍ଶନ କଲା କିଷାନ କଂଗ୍ରେସ: ଏଠି ସେଠି ସବୁଠି ଅନିୟମିତତା

ବଲାଙ୍ଗିର , ୦୨/୦୧ (ନି.ପ୍ର): ନିଜର କଷ୍ଟ ଅର୍ଜିତ ଅମଳର ଉଚିତ ମୁଲ୍ୟ ନପାଇ ଚାଷୀ କୁଳରେ ହା ହା କାର ପଡିଛି । କେଉଁଠି ଧାନ ର ମାନ ଆଳରେ ୪ ରୁ ୫ କେଜି କଟନି ଛଟନି ହେଉଥିବା ଅଭିଯୋଗ ହେଉଛି । ତ ଆଉ କେଉଁଠି ବସ୍ତା ଓ ସୁତୁଲି ର ଖର୍ଚ୍ଚ କାଟ କରାଯାଉଛି । ଫଳରେ ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଲାଗି ରହିଛି । ସରକାରୀ ବ୍ୟବସ୍ଥା ଚାଷୀମାନଙ୍କୁ ତାଙ୍କର ହକ୍ ଦେବାରେ ଫେଲ ମାରିଥିବା ବେଳେ ମଣ୍ଡି କର୍ମଚାରୀ ଓ ମିଲ ମାଲିକମାନଙ୍କ ପ୍ରିୟା ପ୍ରିତି ତୋଷଣ ଭଙ୍ଗ କରିବାକୁ ଜିଲ୍ଲା କିଶାନ କଂଗ୍ରେସ ଅଣ୍ଟା ଭିଡିଛି । ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଜିଲ୍ଲା କିଶାନ କଂଗ୍ରେସ କମିଟିର ସଭାପତି ସାନନ୍ଦ ମିଶ୍ର ଓ ରାଜ୍ୟ କିଶାନ କଂଗ୍ରେସ ସଂପାଦକ ସରୋଜ ରଥଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧି ମଣ୍ଡଳି ଦେଓଗାଁ ବ୍ଲକର ଉପରଝର, ମହଲେଇ, ଗୌରଗୋଠ ଓ ଅର୍ଜୁନପୁର ଆଦି ଧାନକିଣା କେନ୍ଦ୍ର ପରିଦର୍ଶନ କରିଥିଲେ । କ୍ଷୋଭର ବିଷୟ ଏହି ଯେ ଅର୍ଜୁନପୁର ଧାନକିଣା କେନ୍ଦ୍ରରେ ମିଲର୍ସ ଟ୍ରକ୍ ନ ପଠାଇବାରୁ ଧାନ ଖୋଲା ଆକାଶ ତଳେ ପଡି ରହିଥିବା ବୋଲି ସଂପାଦକ ପ୍ରକାଶ କରିଥିଲେ ଏବଂ ସବୁ ମଣ୍ଡିରେ ୪ ରୁ ୫ କେଜି ବାଧ୍ୟତାମୂଳକ ଭାବେ କଟନି ଛଟନି କରାଯାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ । ଚାଷୀମାନଙ୍କ ସମସ୍ୟା ନେଇ ଜିଲ୍ଲା କିଶାନ କଂଗ୍ରେସ ଘଟଣା ସ୍ଥଳରେ ହିଁ ପ୍ୟାକ୍ସ ସଂପାଦକ ଓ ଡାଟା ଏଣ୍ଟ୍ରି ଅପରେଟର ସହିତ ଆଲୋଚନା କରିଥିଲା । କିନ୍ତୁ କଟନି ଛଟନି ହେବା ସତ୍ତ୍ୱେ ସେମାନେ ଅଭିଯୋଗକୁ ଖଣ୍ଡନ କରିଥିଲେ । ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଥିଲା । ଏପରି କି କିଛି ମଣ୍ଡିରେ ଧାନ ଓଜନ ପ୍ରକ୍ରିୟାରେ ବି ଅସଂଗତି ଦେଖିବାକୁ ମିଳିଥିଲା । ସରକାରୀ ନିୟମ ଅନୁସାରେ ଏଫ୍ଏକ୍ୟୁ ଧାନ ର ମାନ ମାପ କରୁଥିବା ମେସିନ ଓ ଚାଳକ ର ମଧ୍ୟ ଅଭାବ ଦେଖାଯାଇଥିଲା । ଏ ସଂପର୍କରେ କିଶାନ କଂଗ୍ରେସ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରିବା ସହ ଚାଷୀମାନେ ଯେପରି ଧାନର ଉଚିତ ମୁଲ୍ୟ ପାଇପାରିବେ ସେ ଉପରେ ବିଶେଷ ଦୃଷ୍ଟି ଦେବା ପାଇଁ ଦାବି କରିଥିଲା । କିଶାନ କଂଗ୍ରେସର ଏହି ପ୍ରତିନିଧି ମଣ୍ଡଳିରେ ଜିଲ୍ଲା ସେବାଦଳ ମୁଖ୍ୟ ତଥା ଦେଓଗାଁ ପ୍ରଭାରୀ ଅସୀତ କୁମାର ମିଶ୍ର, ଦେଓଗାଁ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ରମେଶ ମହାପାତ୍ର, ଗଣପତି ସାହୁ, ତାରାକାନ୍ତ ବାଗ, ବ୍ଲକ କିଶାନ କଂଗ୍ରେସ ସଭାପତି କୁନା ସାହୁ, ବିକାଶ ସାହୁ, ରାହୁଲ ସାହୁ ପ୍ରମୁଖ ସାମିଲ ଥିଲେ ।

# ଚାଖି ଖୁଂଟିଆଙ୍କ ବୀରତ୍ୱକୁ ଏ ଜାତି ସ୍ମରଣ ରଖିବ

ପୁରୀ , ୦୨/୦୧ (ନି.ପ୍ର): ଭାରତୀୟ ସ୍ୱାଧୀନତା ସଂଗ୍ରାମ ର ଅନ୍ୟତମ କର୍ଣ୍ଣଧାର ଚାଖି ଖୁଂଟିଆଙ୍କ ବୀରତ୍ୱକୁ ଏ ଜାତି କାଳକାଳ ଧରି ସ୍ମରଣ ରଖିବ ବୋଲି କହିଛନ୍ତି ପୁରୀ ର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ । ଜିଲ୍ଲା ପ୍ରଶାସନ ଓ ଚାଖି ଖୁଂଟିଆ ସ୍ମୃତି ସଂସଦ ପକ୍ଷରୁ ପୁରୀ-କୋଣାର୍କ ଉନ୍ନୟନ ପରିଷଦ ଛକରେ ଚାଖି ଖୁଂଟିଆଙ୍କ ୨୦୧ତମ ଜୟନ୍ତୀ ଅବସରରେ ଶ୍ରୀ ସାହୁ, ସ୍ୱାଧୀନତା ସଂଗ୍ରାମ ରେ ପୁରୀ ଜିଲ୍ଲାର ଅବଦାନ ଓ ଶହୀଦମାନଙ୍କ ସ୍ମୃତି ଚାରଣ କରିଥିଲେ । ଧୃବଚରଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ରଘୁନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ମିଶ୍ର,ଶିବ ସୁନ୍ଦର ମିଶ୍ର, ସମାଜସେବୀ ବଦ୍ରି ମିଶ୍ର,ଅନାମ ସାହୁ, ସୁଧାକର ମହାପାତ୍ର, ନାରାୟଣ ନନ୍ଦ, ସୁକାନ୍ତ ପଣ୍ଡା, ଗଙ୍ଗାଧର ନନ୍ଦ,ମାୟାଧର ମହାରଣା, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ରାଧାକାନ୍ତ ଦାଶ ହଜୁରୀ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନୀଳକଣ୍ଠ ହଜୁରୀ, କୃଷ୍ଣଚନ୍ଦ୍ର ହଜୁରୀ, ବିଶ୍ୱନାଥ ହଜୁରୀ,ସୌମ୍ୟଜିତ୍ ହଜୁରୀଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ରୁଷ-ୟୁକ୍ରେନ୍ ଯୁଦ୍ଧ ର ଅବସାନ ପାଇଁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ସ୍କାଉଟ-ଗାଇଡ୍ ଛାତ୍ର ଛାତ୍ରୀ ଙ୍କୁ ନେଇ ବଦ୍ରି ମିଶ୍ର ଓ ସୁକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ମାନବ ଶୃଙ୍ଖଳ କରାଯାଇଥିଲା । ପରେପରେ ସଂସ୍କୃତି ଭବନ ରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ନରେନ୍ଦ୍ର କୁମାର ସାହୁ ଭୁବନ ଏନଏସି ବିଜେଡି ସଭାପତି ମନୋନୀତ

## ନନ୍ଦ, ସୁଧା, ମାୟା ଜିଲ୍ଲା ଉପସଭାପତି

ଭୁବନ, ୦୨/୦୧ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ସୁପ୍ରିମୋ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତା ଙ୍କୁ ବିଭିନ୍ନ ପଦ ପଦବୀ ରେ ଥଇଥାନ କରିଛନ୍ତି । ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଙ୍କ ସୁପାରିଶ କ୍ରମେ ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ବିଜେଡି ନେତା ନରେନ୍ଦ୍ର କୁମାର ସାହୁ ଙ୍କୁ ଭୁବନ ଏନଏସି ବିଜେଡି ସଭାପତି ଭାବେ ମନୋନୀତ କରାଯାଇଛି । ଶ୍ରୀଯୁକ୍ତ ସାହୁଙ୍କ ଗୋଟିଚାଳନାରେ ଚଳିତଥର ପୌର ନିର୍ବାଚନରେ ବିଜେଡି ବାଜିମାତ କରିବା ସହିତ ଶ୍ରୀ ସାହୁ ଙ୍କ ନିଜ (୩ ନମ୍ବର) ୱାର୍ଡ ରେ ବିଜେଡି ସର୍ବାଧିକ ଭୋଟ ପାଇଥିଲା । ଶ୍ରୀ ସାହୁଙ୍କ ଏକାନ୍ତ ଅନୁଗତ ଓ ବିଶ୍ୱସ୍ତ ଶ୍ରୀମତୀ ମାନିନୀ ସାହୁ ଙ୍କୁ ଉପନଗରପାଳ କରାଯାଇଥିଲା । ପୂର୍ବରୁ ଶ୍ରୀ ସାହୁ ଙ୍କ ପତ୍ନୀ ସରୋଜ ନଳିନୀ ସାହୁ ମଧ୍ୟ ଭୁବନ ଏନଏସି ର ନଗରପାଳ ହୋଇଥିଲେ । ସବୁ ଦୃଷ୍ଟିରୁ ବିଚାର କରି ନରେନ୍ଦ୍ର ସାହୁ ଙ୍କୁ ଭୁବନ ଏନଏସି ବିଜେଡି ସଭାପତି ଭାବେ ମନୋନୀତ କରାଯାଇଥିବାରୁ ଦଳୀୟ କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି । ଶ୍ରୀ ସାହୁ ଙ୍କ ବଳିଷ୍ଠ ନେତୃତ୍ୱରେ ବିଜେଡି ସଂଗଠନ ଆହୁରି ମଜବୁତ ହେବ ବୋଲି ସାଂସଦ ମହେଶ ସାହୁ ଗତକାଲି ନୂତନ ସଭାପତି ନରେନ୍ଦ୍ର ସାହୁ ଙ୍କୁ ସମ୍ବର୍ଦ୍ଧିତ କରି ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ନନ୍ଦ କିଶୋର ସାହୁ , ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାୟାଧର ପଣ୍ଡା ଏବଂ ଭୁବନ ବ୍ଲକ କୃଷି ଉପଦେଷ୍ଟା କମିଟି ଅଧ୍ୟକ୍ଷ ସୁଧାକର ସାହୁ ଙ୍କୁ ଜିଲ୍ଲା ବିଜେଡି ଉପସଭାପତି ଭାବେ ମନୋନୀତ କରାଯାଇଛି । ଉପରୋକ୍ତ ସମସ୍ତ ନେତା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ,ସାଂସଦ ମହେଶ ସାହୁ , ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଗତ ଡିସେମ୍ବର ୨୬ ତାରିଖରେ ପୁରୀରେ ବିଜେଡି ୨୫ ତମ ପ୍ରତିଷ୍ଠା ଦିବସ ପାଳନ କରି ଶଙ୍ଖକ୍ଷେତ୍ରରୁ ଶଙ୍ଖନାଦ କରିଛନ୍ତି ଶଙ୍ଖପତି । ସାଧାରଣ ନିର୍ବାଚନ ପୂର୍ବରୁ ବରିଷ୍ଠ ନେତାଙ୍କୁ ଥଇଥାନ ନିଶ୍ଚିତ ଭାବେ ଗୋଷ୍ଠୀ କନ୍ଦଳ କୁ ପ୍ରତିହତ କରିବା ସହ ଦଳକୁ ମଜବୁତ କରିବ ବୋଲି ବୁଦ୍ଧିଜୀବୀ ଓ ରାଜନୈତିକ ମହଲରେ ଆଲୋଚନା ହେଉଛି ।

# ସମ୍ପତ୍ତି ତାଲିକା ନଦେଲେ ପଦୋନ୍ନତି ମିଳିବନି

ଭୁବନେଶ୍ୱର , ୦୨/୦୧ (ନି.ପ୍ର): ସମସ୍ତ ସରକାରୀ ଚାକିରିଆ (ଗ୍ରୁପ୍-ଏରୁ ଗ୍ରୁପ୍ ଡି ପର୍ଯ୍ୟନ୍ତ) ସେମାନଙ୍କର ଜାନୁଆରି ୧, ୨୦୨୨ ପର୍ଯ୍ୟନ୍ତ ଥିବା ସମସ୍ତ ସମ୍ପତ୍ତିର ବାର୍ଷିକ ତାଲିକା ଚଳିତ ଜାନୁଆରି ୩୧ତାରିଖ ମଧ୍ୟରେ ଦାଖଲ କରିବେ । ଏଚ୍ଆରଏମ୍ଏସ୍ ପୋର୍ଟାଲରେ ଥିବା ଫର୍ମାଟ ଅନୁଯାୟୀ କର୍ମଚାରୀମାନେ ସେମାନଙ୍କ ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତିର ତାଲିକା, ଏହାର ମୂଲ୍ୟ ଆକଳନ କରି ଅପଲୋଡ୍ କରିବେ । ଯଦି କେହି ଏହି ସମ୍ପତ୍ତି ତାଲିକା ଧାର୍ଯ୍ୟ ସମୟରେ ଦେବେନି ତେବେ ସେମାନଙ୍କର ପଦୋନ୍ନତି ସମୟରେ ତାଙ୍କୁ ବିଚାରକୁ ନିଆଯିବନି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ (ସଂଶୋଧିତ) ନିୟମ, ୨୦୨୧ ଅନୁଯାୟୀ ସମସ୍ତ ସରକାରୀ କର୍ମଚାରୀ ସେମାନଙ୍କ ସମ୍ପତ୍ତିର ତାଲିକା ପ୍ରତିବର୍ଷ ଜାନୁଆରି ୩୧ ତାରିଖ ସୁଦ୍ଧା ଘୋଷଣା କରିବେ । ତେଣୁ ଏହା ନକଲେ ପୂର୍ବ ସର୍ତ୍ତ ଅନୁଯାୟୀ ପଦୋନ୍ନତି ଦିଆଯିବନି ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏଭଳି ବିଜ୍ଞପ୍ତି ପ୍ରକାଶ ପାଇଥିଲେ ହେଁ ସରକାରୀ କର୍ମଚାରୀମାନେ କେତେଦୂର ଏହାକୁ ମାନୁଛନ୍ତି ଏବଂ ସରକାରଙ୍କ ନିର୍ଦ୍ଦେଶନାମାରେ କେତେ ଦମ୍ ଅଛି ତାହା ଜାନୁଆରି ୩୧ ପରେ ଜଣାପଡ଼ିବ । କାରଣ ଏହି ବ୍ୟବସ୍ଥା ଦୁଇ ବର୍ଷ ତଳେ ଆରମ୍ଭ ହୋଇଥିଲେ ହେଁ ସରକାରୀ କର୍ମଚାରୀମାନେ ପ୍ରଥମ ବର୍ଷ ନିଜ ସମ୍ପତ୍ତି ତାଲିକା ଦେଲେନି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୫ଥର ଚିଠି ଲେଖାଯିବା ପରେ କିଛି କର୍ମଚାରୀ ସମ୍ପତ୍ତି ତାଲିକା ଅପଲୋଡ୍ କଲେ । ଏପରିକି କିଛି କର୍ମଚାରୀ ଏପର୍ଯ୍ୟନ୍ତ ବି ସମ୍ପତ୍ତି ତାଲିକା ଦେଇନାହାନ୍ତି । ଅପରପକ୍ଷେ ବିଭିନ୍ନ ବିଭାଗର ମୁଖ୍ୟ, ସଚିବସ୍ତରୀୟ ଅଧିକାରୀମାନେ ସମ୍ପତ୍ତି ତାଲିକା ଦେବାରେ ବିଳମ୍ବ କରୁଥିବାରୁ ତାଙ୍କ ଅଧୀନସ୍ଥ କର୍ମଚାରୀମାନେ ତାଲିକା ଦେଉନାହାନ୍ତି । ଉଚ୍ଚ ପଦସ୍ଥ ଅଧିକାରୀ ସମ୍ପତ୍ତି ତାଲିକା ଦେବାକୁ ପଛଘୁଞ୍ଚା ଦେଉଥିବାରୁ ସେମାନେ ବି ଅନ୍ୟମାନଙ୍କୁ ତାଗିଦ୍ କରିପାରୁନଥିବା କୁହାଯାଉଛି ।

# ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୦ତମ ଶ୍ରାଦ୍ଧୋତ୍ସବରେ ସଂସ୍କୃତି ବିଭାଗର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୦୨/୦୧ (ନି.ପ୍ର): କନିକା ପ୍ରଜା ଆନ୍ଦୋଳନ ନେତା, ପୂର୍ବତନ ବିଧାୟକ ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୦ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଭବନ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବେହେରାଙ୍କ ପରିବାର ସଦସ୍ୟମାନଙ୍କ ସହିତ ଉପସ୍ଥିତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ତାଙ୍କ ସ୍ମୃତି ଚାରଣ କରିଥିଲେ । ଚକ୍ରଧର ବେହେରା କନିକା ରାଜାଙ୍କ ଅଧୀନରେ ଚାକିରୀ କରୁଥିବା ବେଳେ ରାଜାଙ୍କ ଦ୍ୱାରା ପ୍ରଜାପୀଡ଼ନ ଓ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ରାଜାଙ୍କ ଚାକିରୀ ଛାଡ଼ି ପ୍ରଜା ଆନ୍ଦୋଳନ ଗଢ଼ିତୋଳିଲେ । ଏହାର ଫଳ ସ୍ୱରୂପ ରାଜାଙ୍କ କର୍ମଚାରୀଙ୍କ ଦ୍ୱାରା ଆକ୍ରମଣର ସମ୍ମୁଖୀନ ହୋଇ ଜେଲ୍ ଦଣ୍ଡ ମଧ୍ୟ ଭୋଗ କରିଥିଲେ । ଦେଶ ସ୍ୱାଧୀନତା ପୂର୍ବରୁ କନିକା ରାଜାଙ୍କୁ ପରାସ୍ତ କରି ବିଧାୟକ ହେବା ସହ ଦେଶ ସ୍ୱାଧୀନତା ପରେ ବିଧାୟକ ନିର୍ବାଚିତ ହୋଇଥିଲେ । ଦେଶ ପାଇଁ ତାଙ୍କ ତ୍ୟାଗ ଅତୁଳନୀୟ ବୋଲି ମତ ଦେଇ ଚକ୍ରଧର ବାବୁଙ୍କ ପ୍ରତିମୂର୍ତି ଭଦ୍ରକରେ ସ୍ଥାପନ ସହ ତାଙ୍କ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରଫୁଲ୍ଲ ସାମଲ୍, ବିଶିଷ୍ଟ ସ୍ତମ୍ଭକାର ତଥା ବିପ୍ଳବୀ ଚକ୍ରଧର ବେହେରା ସ୍ମୃତିସଂସଦ ଭୁବନେଶ୍ୱରର ଆବାହକ ଡଃ ଗୌରହରି ଦାସ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ମାନବେନ୍ଦ୍ର ମିଶ୍ର, ଅନୁପମା ବେହେରା, ସରୋଜିନୀ ମିଶ୍ର, ଦୀପ୍ତିମୟୀ ରାୟ, ସତ୍ୟବ୍ରତ ଜେନା, ବାବା ଫଚ ଦେବ, ରୋହିତ କୁମାର ନାୟକ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ ବକ୍ତବ୍ୟ ରଖିଥିବା ବେଳେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିବା ପରେ କବି ଦମ୍ପତି ନାରାୟଣ ମୁଦୁଲି ଓ ସୁଜାତା ମୁଦୁଲି କବିତା ପାଠ କରିଥିଲେ । ଏହି ଅବସରରେ ଡଃ ଦୀପ୍ତିମୟୀ ଷଡ଼ଙ୍ଗୀ, ନିତ୍ୟାନନ୍ଦ ବେହେରା, ବୀରକିଶୋର ମହାନ୍ତି, ଜଗନ୍ନାଥ ରେଡ୍ଡୀ, ତରଣୀସେନ୍ ସାହୁ, ଅନୁପମା ବେହେରା, ବିଭୂତି ଭୂଷଣ ବେହେରାଙ୍କ ସମେତ ଚକ୍ରଧର ବେହେରାଙ୍କ ପରିବାର ସଭ୍ୟଙ୍କ ସହ ୭୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜୟକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମତା ସୈନିକ ଦଳ ତରଫରୁ ନୂତନ ବର୍ଷର ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୨/୦୧ (ନି.ପ୍ର): ସମତା ସୈନିକ ଦଳ କେନ୍ଦ୍ରାପଡା ଶାଖା ତରଫରୁ ଜିଲ୍ଲାର ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ନୂତନ ବର୍ଷରେ ସମ୍ବର୍ଦ୍ଧନା ଦିଆଯାଇଛି । ସମତା ସୈନିକ ଦଳର ରାଜ୍ୟ ସଭାପତି ସୁଧୀର କୁମାର ମଳିକଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଆରକ୍ଷୀ ଅଧିକ୍ଷକ ସମ୍ପଦ ସନ୍ଦିପ ମଡକର, ଡିଡବ୍ଲୁଓ ମମତାରାଣୀ ମହାପାତ୍ର, ଏସଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ଏହି ସମ୍ବର୍ଦ୍ଧନାରେ ଉତମ ଚରଣ ମଲିକ, ପ୍ରଶାନ୍ତ କୁମାର ମହାପାତ୍ର, କାଳନ୍ଦୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁ ପଟ୍ଟନାୟକ ବନ୍ୟ ଜୀବ ସଂରକ୍ଷଣ ନିମନ୍ତେ ପୁରସ୍କୃତ ଓ ସମ୍ମାନୀତ ହେଲେ ପକ୍ଷୀ ରାଣୀ ଦିପା

ମାଲକାନଗିରି, ୦୨/୦୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଏକ ବନ ବହୁଳ ଜିଲ୍ଲା ଅଟେ । ଗତ ୧୦ ବର୍ଷ ଧରି ଘର ଚଟିଆଙ୍କ ସଂରକ୍ଷଣ ନିମନ୍ତେ କାର୍ଯ୍ୟକରୀ ଆସୁଛନ୍ତି ଦିପାରାଣୀ ନାୟକ । ମାଲକାନଗିରି ମହାବିଦ୍ୟାଳୟରେ ବାଣିଜ୍ୟରେ +୩ ପଢ଼ିବା ପରେ ଖଲିକୋଟ ଚାରୁକଳା ମହାବିଦ୍ୟାଳୟରୁ ଭାରତୀୟ ମୁଦ୍ରଣ ଚିତ୍ରକଳାରେ ମଧ୍ୟ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ନିଜ ଅଧ୍ୟବସାୟ ଯୋଗୁଁ ଚଳିତ ବର୍ଷ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଚୟନ ହୋଇ ବିଜୁ ପଟ୍ଟନାୟକ ବନ ଜୀବ ସଂରକ୍ଷକ ୨୦୨୨ ରେ ସମ୍ମାନିତ ହୋଇଛନ୍ତି । ଆଜି ତାଙ୍କୁ ମାଲକାନଗିରି ବନ ଖଣ୍ଡ କାର୍ଯ୍ୟାଳୟ ପରିସରରେ ନବବର୍ଷ ୨୦୨୩ ଅଭିନନ୍ଦନ ସମାରୋହ ରେବନଖଣ୍ଡ ଅଧିକାରୀ ଦୀପା ଙ୍କୁ ୫୦୦୦ ଟଙ୍କାର ଏକ ଚେକ୍ ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ ।

# ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚୌଦ୍ୱାର କ୍ଲବ ଚମ୍ପିଆନ

କେନ୍ଦ୍ରାପଡ଼ା, ୦୨/୦୧ (ନି.ପ୍ର): କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ପଡିଆରେ ଦୁଇ ଦିନ ଧରି ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚୌଦ୍ୱାର କ୍ଲବ ଚମ୍ପିଆନ ହୋଇଥିବା ଜଣାପଡିଛି । ୨ଟି ଗ୍ରୁପରୁ ଚୌଦ୍ୱାର କ୍ଲବ ଓ କଟକର ଏନୟୁସି କ୍ଲବ ଫାଇନାଲ କୁ ଉଠିଥିଲେ । ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଚୌଦ୍ୱାର କ୍ଲବ ଟାଇବେକର ରେ ଏନୟୁସି କ୍ଲବକୁ ୫-୩ ଗୋଲରେ ପରାସ୍ତ କରି ଚମ୍ପିଆନ ହୋଇଥିଲା । ପୁରଷ୍କାର ବିତରଣୀ ଉତ୍ସବରେ ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସପି ସନ୍ଦପ ସମ୍ପଦ ମଡକର ଓ ଡାକ୍ତର ସଲିମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚମ୍ପିଆନ ଓ ରନର୍ସଅପ ଦଳକୁ ସିଲ ପ୍ରଦାନ କରିଥିଲେ । ଏହି ଖେଳ ଦେଖିବା ପାଁ ସହରର ବହୁ ପୁରୁଣା ଫୁଟବଲ ଖେଳାଳୀଙ୍କ ସମେତ ବହୁ ଯୁବ ଖେଳାଳୀ ସମବେତ ହୋଇ ଉଭୟ ଦଳ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ ।

# ନୂଆବର୍ଷକୁ ଅସହାୟ ପିଲାଙ୍କ ଗହଣରେ ପାଳିଲେ ସମାଜସେବୀ ରବିନ୍ଦ୍ର ଜେନା ଓ ସୁବାସିନୀ ଜେନା



ବସ୍ତା,୦୨/୦୧ (ନି.ପ୍ର): ଅସହାୟ ଅନ୍ତେବାସୀ ପିଲାଙ୍କ ମୁହଁରେ ଟିକିଏ ହସ ଫୁଟାଇ ନୂଆବର୍ଷ ରେ କେକ୍ କାଟି ଭୋଜି ଖୁଆଇ ପିଲାମାନଙ୍କର ଭବିସ୍ୟତ ଉଜ୍ଜ୍ୱୋଳ କାମନାକରିଥିଲେ ପ୍ରକ୍ତନ ସାଂସଦ ତଥା ବିଜୁଜନତାଦଳର ଜିଲ୍ଲା ସଭାପତି ଇଂ ରବିନ୍ଦ୍ର କୁମାରଜେନା ସହ ଧର୍ମିଣୀ ବିଜେଡି ରାଜ୍ୟ ମହିଳା ସଭାନେତ୍ରି ତଥା ସମାଜସେବୀ ସୁବାସିନୀଜେନା । ନୂଆବର୍ଷରେ ବାଲେଶ୍ୱରଜିଲ୍ଲା ବସ୍ତାବ୍ଲକ ମଥାନୀ ପଞ୍ଚାୟତ ମଥାନୀ ମାଗୁଣି ଚରଣ ବାଳାଶ୍ରମରେ ପହଞ୍ଚି ବେସାହାରା ୧୨୫ଜଣ ଛାତ୍ର ଗହଣରେ କେକ୍ କାଟି ସୁବାସିନୀ ଜେନା ନୂତନ ବର୍ଷକୁ ସ୍ୱାଗତକରିଥିଲେ । ତତ୍ ସହିତ ଇଂ ରବିନ୍ଦ୍ର କୁମାରଜେନା ପହଞ୍ଚି ବାକ୍ଷଣି ପିଲା ମାନଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଥିଲା । ଆଶ୍ରମର ସ୍ଥାୟି ସଭାପତି ବିଜୟକୁମାରସିଂହ ପୌରହିତ୍ୟରେ ସଭାର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ଅନିଲକୁମାର ମହାନ୍ତି, ବିଜେଡି ବ୍ଲକ ମହିଳାସଭାପତି ଲିପିକା ରାଉଳ, ବିଜେଡି ସାଧାରଣ ସଂମ୍ପାଦକ ବରଦା ପ୍ରଶନ୍ନ ପଟନାୟକ, ବାଲିଆପିଳ ବିଜେଡି ସଭାପତି ଗୋବିନ୍ଦଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ୧୫ନଂ ଜୋନର ଜିଲ୍ଲା ପରିଷଦ ଦେବୀକା ସରେନ, ମଥାନୀ ବିଜେଡି ଯୁବନେତା ଦିଲ୍ଲୀପ କୁମାର ଦଣ୍ଡପାଟ, ମଥାନୀ ସରପଞ୍ଚ ମମତାସୀଟ, ବାହାର୍ଦ୍ଦା ସରପଞ୍ଚ ଗୌରାଙ୍ଗ ବେହେରା, ସରକାରୀ ଓକିଲ ପ୍ରଣବ ରଞ୍ଜନ ମିଶ୍ର, ସମିତିସଭ୍ୟ ଜୟପ୍ରକାଶ ନାରାୟଣ ବେହେରା, ମାୟାଧରମଣି, ପ୍ରଭାକର ମହାନ୍ତି, କାଉସିଲର ସସ୍ମିତାଜେନା, ସସ୍ମିତା ରାଉତ, ପିଇଓ ବୈଶାଳି ମହାନ୍ତି, ପ୍ରଦୀପ ବେହେରା, ଗୋପାଳଦାସ, ନୃସିଂହଚରଣ ଦାସ, ହରେକୃଷ୍ଣପାଳ, ମାୟାଧରମଣି, ପ୍ରଶନ୍ନ ସେନାପତି, ପ୍ରଦୀପ ବାରିକ, ସୁବ୍ରତ ମହାପାତ୍ର, ଓକିଲ ଶିନିବାସ ଜେନା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଥାନୀ ପଞ୍ଚାୟତ ଯୁବକର୍ମୀ ଓ ଜନସାଧାରଣ ରୁଣ୍ଡ ହୋଇଥିଲେ । ସମାଜସେବୀ ସାଗରଦାସ ପରିଚାଳନା କରିଥିଲେ । ଶ୍ରୀ ଯୁକ୍ତ ଜେନା ବାପା ମା ଛେଉଣ୍ଡ ବେସାହାରା ପିଲା ମାନଙ୍କ ସହିତ କିଛି ସମୟ ବିତାଇ ସେମାନଙ୍କ ଭଲମନ୍ଦ ବିଷୟ ବୁଝି ଥିଲେ । ଏହିପିଲା ମାନେ ଦିନେନାଦିନେ ଭଲ ପାଠପଢି ନିଜ ଜିଲ୍ଲା ର ଟେକ ରଖିବା ସହିତ ସମାଜର ଜଣେଜଣେ ପ୍ରତିଷ୍ଠିତ ପ୍ରତିଭା ସମ୍ପନ ହୋଇପାରିବେବୋଲି ମତବ୍ୟକ୍ତ କରିବାସହିତ ଭୋଜିଖାଇ ପିଲାମାନେ ଅନନ୍ଦ ଉପଭୋଗ କରିଥିଲେ । ସରୋଜ ମହାନ୍ତି ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ଶେଷକରିଥିଲେ । ଏହି କାଯ୍ୟକ୍ରମକୁ ଅଞ୍ଚଳ ବାସୀ ବେସ ପ୍ରଶଂସା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିମୁଦ୍ରାକରଣରେ 'ସୁପ୍ରିମ'....

ଚର୍ଚ୍ଚା ପରେ ଆଇନ ଆଣିବା ଜରୁରୀ ଥିଲା । ନୋଟବନ୍ଦୀ ପାଇଁ ଆରବିଆଇ ସ୍ୱତନ୍ତ୍ର ଭାବେ କାମ କରିନାହିଁ । କେବଳ କେନ୍ଦ୍ରର ନିଷ୍ପତିକୁ ଆରବିଆଇ ମଂଜୁର କରିଛି । ଆରବିଆଇ ଆକ୍ଟ ୨୬(୨) ଧାରା ଅନୁସାରେ ଯେକୌଣସି ସିରିଜକୁ ଅଚଳ କରିପାରିବ ଅର୍ଥାତ୍ ସବୁ ସିରିଜକୁ ଅଚଳ ନୁହେଁ । ତେଣୁ କେନ୍ଦ୍ର ସରକାରଙ୍କ ବିମୁଦ୍ରାକରଣ ନିଷ୍ପତି ବେଆଇନ ବୋଲି କହିଛନ୍ତି ଜଷ୍ଟିସ ବିବି ନାଗରତ୍ନା। ସେପଟେ ବିରୋଧୀ କହିଛନ୍ତି, ବିମୁଦ୍ରାକରଣ ନିଷ୍ପତିକୁ ସୁପ୍ରିମକୋର୍ଟ ଠିକ କହିଛନ୍ତି, କିନ୍ତୁ ତାର ପରିଣାମ ଉପରେ କିଛି ଟିପ୍ପଣୀ କରିନାହାନ୍ତି । ୬ ବର୍ଷ ତଳେ ୨୦୧୬ ନଭେମ୍ବର ୮ରେ ୫ଶହ ଓ ଏକ ହଜାର ଟଙ୍କିଆ ନୋଟକୁ ଅଚଳ ଘୋଷଣା କରିଥିଲେ ମୋଦୀ ସରକାର । କେନ୍ଦ୍ରର ଏନିଷ୍ପତିକୁ ବିରୋଧ କରି ୫୦ରୁ ଅଧିକ ସଂଗଠନ ଓ ରାଜନୈତିକ ଦଳ ସୁପ୍ରିମକୋର୍ଟ ଯାଇଥିଲେ ।

### ମହିଳାଙ୍କୁ ଘୋଷାଡ଼ିଥିବ....

ମଧ୍ୟରେ ଜଣେ ବିଜେପି ନେତା ମଧ ଅଛନ୍ତି । ତାଙ୍କ ନାଁ ହେଉଛି ମନୋଜ ମିତ୍ତଲ । ସୁଲତାନପୁରୀରେ ତାଙ୍କର ଏକ ରାସନ ଦୋକାନ ଅଛି । ଏହା ସହିତ ତାଙ୍କର ପୋଷ୍ଟରଗୁଡିକ ଏହି ଅଞ୍ଚଳରେ ଲଗାଯାଇଛି । ତେବେ ମନୋଜ ବିଜେପି ନେତା ହୋଇଥିବାରୁ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି । ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରାଯାଉଛି । ଉଲ୍ଲେଖଯୋଗ୍ୟ, ୨୩ବର୍ଷୀୟ ଯୁବତୀଜଣକ ଏକ ଇଭେଣ୍ଟ କମ୍ପାନିରେ କାମ କରୁଥିଲେ । ସଂପୃକ୍ତ ମହିଳା ଜଣକ ତାଙ୍କ ସ୍କୁଟିରେ ଯାଉଥିବା ବେଳେ ଏକ କାର ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା । ପରେ ମହିଳା ଜଣକ କାର ତଳେ ରହିଯାଇଥିବା ବେଳେ ତାଙ୍କୁ ୪ କିଲୋମଟିର ଯାଏଁ ରାସ୍ତା ଘୋଷାଡ଼ି ନେଇଯାଇଥିଲା ଉକ୍ତ ଚଳନ୍ତା କାର । ଦୁର୍ଘଟଣା ପରେ ମହିଳାଙ୍କ ଗୋଡ଼ କିମ୍ବା ହାତ କାର୍‌ରେ ଲାଖି ରହିଥିଲା । ଏହି କାରଣରୁ ରାସ୍ତାରେ ଘସି ହୋଇ ଯୁବତୀଙ୍କ ମୃତ୍ୟୁ ହୋଇଥିଲା ।

### ବିଶ୍ୱର ଦୀର୍ଘତମ ରିଭର କ୍ରୁଜ୍ ....

ତଟୀୟ-ନଦୀ ପରିବହନ, କ୍ରୁଜ ସେବା କେନ୍ଦ୍ର ସରକାରଙ୍କ ମୁଖ୍ୟ ପ୍ରାଥମିକତାରେ ସାମିଲ ରହିଛି । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ କେନ୍ଦ୍ର ସରକାର ଦେଶର ୧୦୦ ଜଳମାର୍ଗ ନିର୍ମାଣ ପାଇଁ ଯୋଜନା କରିଛନ୍ତି । ଏହା ସହ ଜଳମାର୍ଗରେ କ୍ରୁଜ ସିପ୍ ସଞ୍ଚାଳନର ଯୋଜନା ମଧ କରିଛନ୍ତି । ସେହିଭଳି କାର୍ଗୋ ସେବାକୁ ମଧ ପ୍ରାଥମିକତାରେ ସାମିଲ କରାଯାଇଛି । ପୁରୁଣା ସମୟରେ ଜଳମାର୍ଗରେ ବ୍ୟବସାୟ ବାଣିଜ୍ୟ ପର୍ଯ୍ୟଟନର ସବୁଠାରୁ ବଡ ସାଧନ ମଧରୁ ଗୋଟିଏ ଥିଲା । ଏହି କାରଣରୁ ନଦୀ-ସମୁଦ୍ରର କୂଳରେ ଥିବା ସହର ଗୁଡିକ ବିକାଶର ଚରମ ସୀମାରେ ପହଞ୍ଚିସାରିଥିଲେ । ସେଠାରେ ଉଦ୍ୟୋଗର ମଧ ବିକାଶ ହୋଇପାରିଥିଲା ।

### ୟୁକ୍ରେନର ବାଣିଜ୍ୟ ନଗରୀରେ....

ସେପଟେ ଭାରତ ଯୁଦ୍ଧକୁ ନେଇ ପୁଣି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି । ଭାରତୀୟ ବୈଦେଶିକମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି କି ଭାରତ ସବୁବେଳେ ଶାନ୍ତି ସପକ୍ଷରେ ରହିଛି । ଆଲୋଚନା ମାଧ୍ୟମରେ ସମସ୍ତ ପ୍ରକାର ମତଭେଦର ସମାଧାନ ମିଳିପାରିବ । ଉଭୟ ରୁଷ-ୟୁକ୍ରେନ କୁଟନୀତିସ୍ତରରେ ଆଲୋଚନା କରିବା ଉଚିତ ।

## ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲାସ୍ତରୀୟ ବୈଠକ

ଜଳେଶ୍ୱର,୦୨/୦୧ (ନି.ପ୍ର): ଆଜି ଅପରାହ୍ନରେ ଜଳେଶ୍ୱରର ଆୟଳିଅଠା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସଂସ୍ଥାନର ମହାସଚିବ ଡ. କରୁଣାକର ପ୍ରଧାନ ଯୋଗ ଦେଇ ଶିକ୍ଷା ପ୍ରଣାଳୀ, ସାଂଗଠନିକ କାର୍ଯ୍ୟକ୍ରମ ଓ ହେବାକୁଥିବା ସ୍ୱନକ୍ଷତ୍ର ଦିବସ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ସଂଯୋଜକ ଗୌରାଙ୍ଗ ବିଶ୍ୱାଳ ଯୋଗ ଦେଇ ଆସନ୍ତା ଶିକ୍ଷାବର୍ଷ ଲାଗି ହୋଇଥିବା ଚିଠା ପ୍ରସ୍ତାବ ସଂପର୍କରେ ଆଲୋକପାତ କରିଥିଲେ । ଜିଲା ପ୍ରମୁଖ ଦୀପ୍ତିକାନ୍ତ ପାଢୀ ସଂଚାଳନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଏସ୍ଆଇ ପ୍ରଫୁଲ୍ଲ ଗିରି କବିତା ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# କବୟିତ୍ରୀ ପ୍ରୀତିଲେଖା ଦାସ ଲାଭକଲେ ମର୍ଯ୍ୟାଦାଜନକ ମୟୂରଭଞ୍ଜ ପୁସ୍ତକମେଳା କବିତା ପୁରସ୍କାର



ମୟୂରଭଞ୍ଜ, ୦୧/୦୧ (ନି.ପ୍ର): ନବମବାର୍ଷିକ ମୟୂରଭଞ୍ଜ ପୁସ୍ତକ ମେଳାରେ ମର୍ଯ୍ୟାଦାଜନକ 'ମୟୂରଭଞ୍ଜ ପୁସ୍ତକମେଳା କବିତା ସମ୍ମାନ' ଲାଭକଲେ କବୟିତ୍ରୀ ପ୍ରୀତିଲେଖା ଦାସ । ତାଙ୍କର ପ୍ରଥମ କବିତା ସଂକଳନ 'ଥିଃ' ପାଇଁ ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଚନ୍ଦ୍ର କୁମାର ମହାନ୍ତି ଯୁବକବିତା ପ୍ରତିଭା ସମ୍ମାନ, ଧ୍ୱନିପ୍ରତିଧ୍ୱନି ନବପ୍ରତିଭା ସମ୍ମାନରେ ସମ୍ମାନିତ କବୟିତ୍ରୀ ଯେଉଁସବୁ କବିତା ସୃଷ୍ଟି କରିଛନ୍ତି ତାହା ପାଠକୀୟ ମହଲରେ ଖୁବ୍ ଆଦୃତି ଲାଭ କରିଛି । କବିତା ସଂକଳନ 'ଥିଃ'ରେ ସ୍ଥାନିତ କବିତା ମାନଙ୍କରେ କବିତା ମାନଙ୍କର ସ୍ୱର ତୀକ୍ଷଣ କିନ୍ତୁ ପାଠକମାନଙ୍କୁ ଚମକୃତ କରିଛି ଭାବର କୋମଳପଣରେ । ଏକ ମୁଗ୍ଧ ନିଆରା ଶୈଳୀ ପାଇଁ ଯାହା ବିଚାରକ ମଣ୍ଡଳୀଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ଜୀବନର ଜ୍ୱାଳା ଓ ଜ୍ୱଳନର ମାର୍ମିକ ସ୍ୱର, ସମାଜର ଅବ୍ୟବସ୍ଥିତ ବ୍ୟବସ୍ଥା ବିରୁଦ୍ଧରେ ଏକ ଦୃଢ଼ ସ୍ୱର ତୋଳିବାକୁ ଯୋଗ୍ୟତା ରଖିଥିବା ଏହି କବିତା ସଂକଳନ 'ଥିଃ' ନିଶ୍ଚିତ ଭାବରେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିବ ବୋଲି ବିଚାରକ ମଣ୍ଡଳୀଙ୍କ ମନକୁ ଛୁଇଁ ପାରିଥିଲା । କବୟିତ୍ରୀ ମିନତୀ ବେହେରାଙ୍କ ସ୍ମୃତିରେ ପ୍ରଦତ୍ତ ଉକ୍ତ ପୁରସ୍କାରକୁ ଗ୍ରହଣ କରି କବୟିତ୍ରୀ ପ୍ରୀତିଲେଖା ଦାସ ନିଜକୁ ଏ ଦିଗରେ କଲମଚାଳନାରେ କବିତା ପ୍ରସ୍ତୁତ କରିବେ ବୋଲି ପ୍ରକାଶ କରିଥିଲେ । ତାଙ୍କର ଦାୟିତ୍ୱ ପ୍ରତି ସେ ଯତ୍ନବାନ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଚନ୍ଦ୍ରଭାଗା ଉତ୍ସବ ପଞ୍ଚମ ସଂଧ୍ୟାର ନାଟକ 'ବାଲ୍ମିକୀ'

ବାଲେଶ୍ୱର,୦୨/୦୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଚାଲିଥିବା ୩୩ ବର୍ଷର ଚନ୍ଦ୍ରଭାଗା ମହୋତ୍ସବର ୫ମ ସଂନ୍ଧାର କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ । ସମ୍ମାନିତ ଅତିଥିଭାବେ ଗୋଗ ଦେଇଥିଲେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ପୌରପାଳିକା ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ବରିଷ୍ଠ ପୌର ସଦସ୍ୟ ପଦ୍ମଲୋଚନ ଲେଙ୍କା, ପୌର ସଦସ୍ୟା ମୀନା ମହାନ୍ତି, ପୂର୍ବତନ ପୌର ସଦସ୍ୟ ବିଶ୍ୱଜିତ ମହାପାତ୍ର । ଏହି କାର୍ଯ୍ୟକ୍ରମରେ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ଦିଲ୍ଲୀପ ରଥ । ସ୍ୱାଗତ ଭାଷଣ ରଖିଥିଲେ ଚନ୍ଦ୍ରଭାଗାର ପ୍ରତିଷ୍ଠାତା କବି ଶ୍ରୀଦେବ । ଶେଷରେ ଅବନୀ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଚିତ୍ରଶିଳ୍ପୀ ମରୁତ ରାଉତ, କେଶୁ ଦାସ, ତାପସ ପଣ୍ଡା, ପ୍ରତାପ ସିଂହ, ପ୍ରତାପ ରାଉତ, ପୂର୍ଣ୍ଣେନ୍ଦୁ ପ୍ରକାଶ ପତି, ଅରୁଣ ବାରିକ, ଦେବାଶିଷ ପତି, ରୂପକ ଦାସ, ଭବାନୀ ଦାସଙ୍କ ସହଯୋଗରେ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଚିତ୍ର କର୍ମଶାଳା ଅନୁଷ୍ଠିତ ହୋଇଥିଲା । ପଞ୍ଚମ ସଂଧ୍ୟାରେ ନୃତ୍ୟାଶ୍ରୟୀ ରୋନାଲିସା ପଣ୍ଡା, ଅରୁଣାଂଶୁ ପାଣିଗ୍ରାହୀ ଏବଂ ଏସ୍. କେ ରାଜାଙ୍କ ସହଯୋଗିତାରେ ବେବୀ ସୋ, ଚନ୍ଦ୍ରଭାଗା ଆଇକନ୍ ଏବଂ ମିସେସ୍ ଚନ୍ଦ୍ରଭାଗା ଆଇକନ୍ ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ କରାଯାଇଥିଲା ।

# ଡଃ ମହତାବଙ୍କ ୩୬ତମ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୦୨/୦୧ (ନି.ପ୍ର): ଡଃ ହରେକୃଷ୍ଣ ମହତାବଙ୍କ ୩୬ତମ ଶ୍ରାଦ୍ଧ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ପ୍ରତ୍ୟୁଷରେ ଭୁବନେଶ୍ୱର ବିଜେବି ନଗରସ୍ଥିତ ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ପରେ ଶହୀଦ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ତାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିସରରେ ତାଙ୍କ ପ୍ରତିମୂର୍ତିରେ ଭାରପ୍ରାପ୍ତ ଅଧିକାରୀଙ୍କ ପୌରହିତ୍ୟରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପ୍ରଶାସକ ସ୍ୱଦେଶ ସୁନ୍ଦର ପଟ୍ଟନାୟକ, ଶିକ୍ଷାବିତ୍ କାମଦେବ ମହାପାତ୍ର, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ସଂଜୟ କୁମାର ପରିଡ଼ା, ପୂର୍ବତନ କର୍ପୋରେଟର ଶାଶ୍ୱତୀ ମିଶ୍ର, ଅନୁପମା ବେହେରା, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର, ବିଜୟ କୁମାର ପରିଡ଼ା, ଉଇ ଫର ଭୁବନେଶ୍ୱରର ସଭ୍ୟବୃନ୍ଦ, ଗ୍ରନ୍ଥାଗାରର କର୍ମଚାରୀ ଓ ପାଠକବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପ୍ରବୋଧ କୁମାର ଦାସ, ବାବନ ଶତପଥି, ହାଡ଼ିବନ୍ଧୁ ବେଉରିଆ, ତାପସ କୁମାର ସାହୁ, ଅବନ୍ତୀ କୁମାର ସୁତାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ପାଠାଗାର ପରିସରରେ ଡଃ ମହତାବଙ୍କ ଉପରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ, ଆଲୋଚନାଚକ୍ର ଏବଂ ଗ୍ରନ୍ଥାଗାର ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ସକ୍ରିୟ କରିବା ପାଇଁ ଆଜୀବନ କାର୍ଯ୍ୟ କରି ଓଡ଼ିଶା ପାଠାଗାର ସଂଘର ଆଜୀବନ ସଭାପତି ହୋଇଥିଲେ । ମହତାବଙ୍କୁ ଛାଡ଼ି ଓଡ଼ିଶାର ଇତିହାସ ରଚନା କରାଯାଇ ନପାରେ ବୋଲି ମତ ଦେଇ ସମସ୍ତେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ମିଳିତ ଜନଶୁଣାଣି ଶିବିରରେ ୧୦୮ଟି ଅଭିଯୋଗର ଶୁଣାଣି

ଭଦ୍ରକ, ୦୨/୦୧ (ନି.ପ୍ର): ନୂଆ ବର୍ଷ ୨୦୨୩ ଆରମ୍ଭରେ ଆଜି ୨ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ବର୍ଷର ପ୍ରଥମ ଯୁଗ୍ମ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ବୈଠକରେ ଯୋଗ ଦେଇ ସମୁଦାୟ ୧୦୮ଟି ଅଭିଯୋଗର ଶୁଣାଣି କରିଥିଲେ । ଅତିରିକ୍ତ ଏସ୍.ପି. ବିଜୟ କୁମାର କେର୍କେଟା, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ସି.ଡ଼ି.ଓ. ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ସମୁଦାୟ ୧୦୮ଟି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୧୦୧ଟି ଥିବା ବେଳେ ସାମୂହିକ ୭ଟି ଥିଲା । ରେଡ଼କ୍ରସ୍ ରୁ ସହାୟତା ପ୍ରଦାନ ସମ୍ବନ୍ଧୀୟ ୨ ଜଣ ଅଭିଯୋଗକାରୀଙ୍କ ମଧ୍ୟରେ ଜଣଙ୍କୁ ପାଠପଢ଼ା ପାଇଁ ୫ ହଜାର ଓ ଜଣଙ୍କୁ ଅସହାୟତା ପାଇଁ ୭ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ । ସେହିପରି ସି.ଏମ୍.ଆର୍.ଏଫ୍ ପାଣ୍ଠିରୁ ଚିକିତ୍ସା ସହାୟତା ବାବଦ ଜଣେ ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିଲା । ରେସନ୍‌କାର୍ଡ଼ ଏବଂ ସୋସାଇଟିରେ ଧାନ ବିକ୍ରି କରାଯିବା ନେଇ ଯୋଗାଣ ବିଭାଗ ସମ୍ବନ୍ଧୀୟ ସର୍ବାଧିକ ଅଭିଯୋଗ ଥିଲା । କୃଷି , ପ୍ରାଣୀଚିକିତ୍ସା, ଚିକିତ୍ସା, ଶିକ୍ଷା, ସାମାଜିକ ସୁରକ୍ଷା , ଜମିଜମା, କ୍ଷୁଦ୍ର ଜଳସେଚନ ଆଦି ସକ୍ରାନ୍ତୀୟ ଅଭିଯୋଗ ସବୁ ଆଗତ ହୋଇଥିଲା । ସ୍ୱାମୀଙ୍କୁ ଗୁଜରାଟର ସୁରଟ୍‌ରେ ହତ୍ୟା କରାଯିବା ନେଇ ଜଣେ ଅଭିଯୋଗକାରୀଙ୍କ ଆବେଦନର ଶୁଣାଣି କରାଯାଇଥିଲା । ଏହି ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା ଯୋଜନାରେ ଜିଲ୍ଲାପାଳ ଧାମନଗର ବ୍ଲକ୍ ର ରଜନୀ ସେଠୀଙ୍କୁ ଦିବ୍ୟାଙ୍ଗ ଭତ୍ତା ଏବଂ ଭଦ୍ରକ ମ୍ୟୁନିସପାଲିଟିର ବିମଳ ଚନ୍ଦ୍ର ଦାସଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିବା ସହିତ ତିନିଜଣଙ୍କୁ କୃତ୍ରିମ ଅଙ୍ଗ ଏବଂ ଜଣଙ୍କୁ ତିନି ଚକିଆ ସାଇକେଲ ବଣ୍ଟନ କରିଥିଲେ । ଅଭିନେତ୍ରୀ ମହାନ୍ତି ଏବଂ ଲିସାରାଣୀ ରାଉତ ଅଭିଯୋଗ ପଞ୍ଜିକରଣରେ ସହାୟତା ପ୍ରଦାନ କରିଥିଲା ବେଳେ ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ଏବଂ ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନା କାର୍ଯ୍ୟରେ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଏହି ଶିବିରରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟକି ଚଳିତ ମାସର ମିଳିତ ଜନଶୁଣାଣି ଶିବିର ଆୟୋଜନ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୯ ତାରିଖ ସୋମବାର ଧାମନଗର ବ୍ଲକରେ, ୧୬ ତାରିଖ ସୋମବାର ବନ୍ତ ବ୍ଲକରେ, ୨୩ ତାରିଖ ସୋମବାର ସରକାରୀ ଛୁଟି ଦିନ ଥିବାରୁ ପରବର୍ତ୍ତୀ ଦିନ ୨୪ ତାରିଖ ମଙ୍ଗଳବାର ବାସୁଦେବପୁର ବ୍ଲକରେ ଓ ଏ ମାସର ଶେଷ ସୋମବାର ୩୦ ତାରିଖ ଦିନ ତିହିଡ଼ି ବ୍ଲକରେ ଶୁଣାଣି କାର୍ଯ୍ୟ ଅନୁଷ୍ଠିତ ହେବ ।

# ଜିଲ୍ଲାସ୍ତରୀୟ ଜୁନିଅର ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ : ଶେଷ ଲିଗ ମ୍ୟାଚରେ ମୟୁରଭଂଜ- ଡ଼ି ବିଜୟୀ



ବାରିପଦା,୦୨/୦୧ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଂଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଓସିଏ ଭିଜନ ୨୦୨୪ ପାଇଁ ୧୬ ଓ ୧୯ ବର୍ଷରୁ କମ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟର ଶେଷ ଲିଗ ମ୍ୟାଚରେ ମୟୁରଭଂଜ- ଡ଼ି ମୟୁରଭଂଜ- ଏ କୁ ୭ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୟୁରଭଂଜ- ଏ ୨୧ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଫାଇମ କାଦରୀ ସର୍ବାଧିକ ୩୯ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଯୁବରାଜ ପାତ୍ର ୩ ଟି ଏବଂ ଭରସ୍ନେୟ ବିନାୟକ ଦାସ ଓ ମହେଶ ବେହେରା ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ମୟୁରଭଂଜ- ଡ଼ି ୧୮ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ସୌଜିତ କୁମାର ବାରିକ ୨୮ ଓ ଅମର କୁମାର ସାହା ୨୧ ରନ କରିଥିବା ବେଳେ ବିପକ୍ଷ ଦଳର ମାନସ ରଂଜନ ପଟ୍ଟନାୟକ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଯୁବରାଜ ପାତ୍ର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ଜିଲ୍ଲା ଓକିଲ ସଂଘର ସଭାପତି ପ୍ରଦୀପ କୁମାର ରଥ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିବା ବେଳେ, ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଂଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଉପସ୍ଥିତ ଥିଲେ । ଆସନ୍ତା କାଲି ମୟୁରଭଂଜ- ବି ଓ ମୟୁରଭଂଜ- ଡ଼ି ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ମିଡ଼ିଆ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

# ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ




ଉଦଳା, ୦୨/୦୧ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୩ ସ୍ତରରେ ଥିବା ଜାତୀୟ ସେବା ଯୋଜନାର ଶୀତ କାଳୀନ ସ୍ୱତନ୍ତ୍ର ସେବା ଶିବିର ପୋଷ୍ୟ ଗ୍ରାମ ୱାର୍ଡ଼ ନଂ-୧୨ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏକ ସପ୍ତାହ ବ୍ୟାପି ଚାଲିଥିବା ଏହି ଶିବିରରେ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ପ୍ରଣତି ରାଜ ନେତୃତ୍ୱ ନେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଅତିତରେ ସେବା ଯୋଜନା କିପରି ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଥିଲା ବର୍ଣ୍ଣନା କରିଥିଲେ । ନିୟମିତ ପ୍ରଭାତରେ ଶିବିରାର୍ଥୀ ମାନେ ଯୋଗ, ପ୍ରାଣାୟାମ ଅଭ୍ୟାସ କରିବା ସହ ସର୍ବଧର୍ମ ପ୍ରାର୍ଥନା ବୋଲୁଥିଲେ । ଏହାପରେ ପୋଷ୍ୟ ଗ୍ରାମ ୱାର୍ଡ଼ ନଂ-୧୨ରେ ସଫେଇ କରିବା ଓ ଘରକୁ ଘର ବୁଲି ସଚେତନତାର ବାର୍ତ୍ତା ବାଣ୍ଟୁଥିଲେ । ପରେ ନିୟମିତ ଅତିଥି ମାନେ ଆସି ବିଭିନ୍ନ ପ୍ରକାର ବିଷୟରେ ତାଲିମ ପ୍ରଦାନ କରୁଥିଲେ । ଯୋଗ ଶିକ୍ଷକ ବ୍ରହ୍ମାନନ୍ଦ ନାୟକ, ଯୋଗ କେମିତି କରାଯାଏ ଏହାର କୌଶଳ ସମ୍ପର୍କରେ ଜଣାଇବା ସହ ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଏହାର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ । ଭେଷଜ ବିଶେଷଜ୍ଞ ଡ଼ାକ୍ତର ଶୈଳେନ୍ଦ୍ର ସିଂ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରିବା ସହ ପୋଷ୍ୟ ଗ୍ରାମ ୱାର୍ଡ଼ ନଂ- ୧୨ରେ ୧୪୦ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେହିପରି ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ସୂଚନା ଅଧିକାର ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରିବା ସହ ଦେଶକୁ ଦୁର୍ନିତୀମୁକ୍ତ କରିବା ପାଇଁ ଏହାର ଆବଶ୍ୟକତା ବିଷୟରେ ଜଣାଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସେବା ଯୋଜନା ସଂଯୋଜକ ଡ଼କ୍ଟର ସୁଭେନ୍ଦୁ ଦାସ ପରିଦର୍ଶନରେ ଆସି ଏଠାକାର କାର୍ଯ୍ୟକ୍ରମ ତାଙ୍କୁ ଖୁବ ଆନନ୍ଦ ଦେଇଛି ବୋଲି ବ୍ୟକ୍ତ କରିଥିଲେ । 'ନିଶା ନିବାରଣ' ଏବଂ 'ବଧୂ ନିର୍ଯ୍ୟାତନା'ନାମକ ୨ଟି ନାଟକ ପୋଷ୍ୟ ଗ୍ରାମରେ ଶିବିରାର୍ଥୀ ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ଉଦ୍‌ଯାପନ ଉତ୍ସବରେ ଉଦଳା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଯାନୀ ଭୂୟାଁ ଓ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଜୟଶ୍ରୀ ଚୌଧୁରୀ ଅତିଥି ଭାବରେ ଯୋଗ ଦେଇ ଶିବିରାର୍ଥୀ ମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । ପରେ ଶିବିରାର୍ଥୀ ମାନେ ଏଠାକାର ୭ ଦିନର ଅନୁଭବ ବର୍ଣ୍ଣନା କରିଥିଲେ । ଛାତ୍ରୀ କିରଣବାଳା ସୋରେନ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମାନିକା ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ନିୟମିତ ସନ୍ଧ୍ୟାରେ କେମ୍ପ ଫାୟାର ଖୁବ ଆନନ୍ଦଦାୟକ ଥିଲା ।

# ବସ-ବାଇକ ଧକ୍କାରେ ଜଣେ ଗୁରୁତର : ଉତ୍ୟକ୍ତ ଲୋକେ ବସରେ ନିଆଁ ଲଗାଇଦେଲେ



ବାରିପଦା,୦୨/୦୧ (ନି.ପ୍ର): ବାରିପଦା ସହର ଦେଇ ଯାଇଥିବା ୧୮ନମ୍ବର ଜାତୀୟ ରାଜପଥରେ ମୁର୍ଗାବାଡି ନିକଟ ଜୁବୁଲି ପେଟ୍ରୋଲ ପମ୍ପ ଆଗରେ ଗୋଟିଏ ବାଇକକୁ ରଂଜିତା ନାମକ ଏକ ଯାତ୍ରୀବାହୀ ବସ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟି ବାଇକ ଆରୋହୀ ଜଣକ ଗୁରୁତର ଭାବେ ଆହତ ହୋଇଥିବା ଦେଖିବାକୁ ମିଳିଛି । ଫଳରେ ସ୍ଥାନୀୟ ଲୋକମାନେ ଉତ୍ୟକ୍ତ ହୋଇ ବସଟିକୁ ନିଆଁ ଲଗାଇ ଜାଳିଦେଇଛନ୍ତି । ଖବର ପାଇ ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ କରିଛନ୍ତି । ସୂଚନା ମୁତାବକ ରଂଜିତା ବସଟି ଗ୍ୟାରେଜରେ ମରାମତି ପରେ ଚାଳକ ବସ ଚଳାଇ ଟେଷ୍ଟିଂ କରୁଥିବା ବେଳେ ଏପରି ଦୁର୍ଘଟଣା ଘଟିଛି । ସ୍ଥାନୀୟ ଜୁବୁଲି ପେଟ୍ରୋଲ ପମ୍ପ ଆଗରେ ବସଟି ରଙ୍ଗ ସାଇଡରୁ ଡିଭାଇଡର ଆରପଟକୁ ଯିବାବେଳେ ବାଇକଟି ସାମନାକୁ ଆସି ଯିବାରୁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି । ଗୁରୁତର ଅବସ୍ଥାରେ ଆହତ ଯୁବକଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ଡାକ୍ତରଖାନାରେ ଭର୍ତି କରାଯାଇଛି । ଘଟଣା ସ୍ଥଳରେ ବାରିପଦା ପୋଲିସ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଏବାବଦରେ ଥାନାରେ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବାର ଜଣାଯାଇଛି ।

ଧ୍ୱନି ପ୍ରତିଧ୍ୱନି

## ଅଜାତଶତ୍ରୁଙ୍କ ୧୫ତମ ଶ୍ରାଦ୍ଧ ବାର୍ଷିକ

ବାଲେଶ୍ୱର,୦୨/୦୧ (ନି.ପ୍ର): ବାଲେଶ୍ୱରର ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜାତଶତ୍ରୁ ଦାସଙ୍କ ୧୫ତମ ଶ୍ରାଦ୍ଧ ବାର୍ଷିକ କଚେରି ହତା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ସୋମବାର ପାଳିତ ହୋଇଯାଇଛି। ଅଜାତଶତ୍ରୁ ଦାସ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ବାଲେଶ୍ୱର ବାର ଆସୋସିଏସନର ସଭାପତି ମନୋଜ କୁମାର ନାୟକ ଓ ସମ୍ପାଦକ ସମ୍ବିତ ନନ୍ଦୀ, ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ତଥା ସ୍ୱର୍ଗତ ଦାସଙ୍କ ଭାଇ ଅଧୀପ ଦାସ, ଆଜିକାଲି ଖବରକାଗଜର କାର୍ଯ୍ୟକାରୀ ସମ୍ପାଦକ ଲକ୍ଷ୍ମୀନାରାୟଣ ମହାନ୍ତି ଓ ପ୍ରକାଶକ କିଶୋର ଦାସ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ଓ ବହୁମୁଖୀ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରକୃତ ସାମ୍ବାଦିକତା କ'ଣ ସେ ବେଶ ଭଲଭାବେ ଜାଣିଥିଲେ। ତାଙ୍କରି ପ୍ରେରଣାରେ ବହୁ ଯୁବକଙ୍କୁ ସାମ୍ବାଦିକତାକୁ ଆପଣେଇ ସଫଳତା ମଧ୍ୟ ହାସ କରିଥିଲେ। ଜଣେ ସରକାରୀ ଅଧିକାରୀ ହୋଇ ମଧ୍ୟ ସମାଜସେବା ଓ ଆଂଚଳିକ ଉନ୍ନତି ପାଇଁ ସେ ସର୍ବଦା ଉଦ୍ୟମ କରୁଥିଲେ। ଜଣେ ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ ଭାବେ ଯୁବଶକ୍ତିକୁ ବିନିଯୋଗ ସ୍ୱର୍ଗତ ଦାସ ସ୍ଥାନୀୟ ଆଞ୍ଚଳିକ ବିକାଶକୁ ଗୁରୁତ୍ୱ ଦେଉଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ସତ୍ୟପ୍ରିୟ ମହାନ୍ତି, ସର୍ବେଶ୍ୱର ଦାସ, ଉଜ୍ଜ୍ୱଳ ଚନ୍ଦ୍ର କର, ଦେବବ୍ରତ ପାଣିଗ୍ରାହୀ, ମିହିର ମହାପାତ୍ର, ଶିବଦାସ କୁଣ୍ଡୁ, ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ସମେତ ବାଲେଶ୍ୱରର ବହୁ ସାମ୍ବାଦିକ, ବରିଷ୍ଠ ନାଗରିକ ମଧୁସୂଦନ ବେହେରା, ସ୍ୱର୍ଗତ ଦାସଙ୍କ ଭାଇ ଭିକ୍ଟର ଅରୂପ ଦାସ, ପୁତ୍ର ଅଭିରାମ ଦାସ ପ୍ରମୁଖଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ ସହ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

# ନବମ ମୟୁରଭଂଜ ପୁସ୍ତକମେଳା ଉଦ୍‌ଯାପିତ



ବାରିପଦା,୦୨/୦୧ (ନି.ପ୍ର): ନବମ ବାର୍ଷିକ ମୟୂରଭଂଜ ପୁସ୍ତକମେଳା ଆଜି ସଂଧ୍ୟାରେ ସ୍ଥାନୀୟ ଛଉପଡିଆ ଠାରେ ଉଦଯାପିତ ହୋଇଯାଇଛି। ପୁସ୍ତକ ମେଳା କମିଟିର ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୟୂରଭଂଜର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବହିକୁ ବଂଧୁ କରିଥିବା ଲୋକ ଜୀବନ ଯୁଦ୍ଧ୍ୟରେ କେବେ ହାରେ ନାହିଁ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବରେ ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସମ୍ପାଦିକା ସମାଜସେବୀ ମମତା ମହାପାତ୍ର ଏବଂ ସମ୍ମାନୀତ ଅତିଥି ଭାବରେ ଇନଟାକ୍ ମୟୁରଭଂଜ ଚ୍ୟାପଟର ର ଆବାହକ ମେଜର ରବିନ୍ଦ୍ର କୁମାର ପରିଡା, ପୁସ୍ତକ ମେଳା କମିଟିର ସମ୍ପାଦକ ଇଂ ମନୋଜ କୁମାର ଦଳ ବେହେରା ପ୍ରମୁଖ ଯୋଗଦେଇ ପୁସ୍ତକମେଳା ଭାଷା ସାହିତ୍ୟ ସଂସ୍କୃତିର ବିକାଶ ଦିଗରେ ଏକ ବଳିଷ୍ଠ ମାଧମ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ସର୍ବପୁରାତନ ବହି ଦୋକାନ ପୁସ୍ତକ ଭଣ୍ଡାର ର ତତ୍ତ୍ୱାବଧାରକ ଦୋଳ ଗୋବିନ୍ଦ ଦାଶଙ୍କୁ ମୟୁରଭଂଜ ପୁସ୍ତକ ମେଳା ସମ୍ମାନ, ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ଦୀପକ କୁମାର ନାୟକଙ୍କୁ ବିତନୁ ନାୟକ ସ୍ମୃତି ଯୁବସମ୍ମାନ, କବୟିତ୍ରୀ ପ୍ରିତିଲେଖା ଦାସଙ୍କୁ ମୀନତୀ ବେହେରା ସ୍ମୃତି ସମ୍ମାନ, ଜଗନ୍ନାଥ ସେବକ ସଂଜୀବ କୁମାର ମହାପାତ୍ରଙ୍କୁ ସେବକ ସମ୍ମାନ ପ୍ରଦାନ କରାଯାଇଥିଲା। ପୁସ୍ତକ ମେଳା ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହ ହୋଇଥିବା ଲଟେରୀ, ଦମ୍ପତି ମାନଙ୍କର ସେଲଫି ପ୍ରତିଯୋଗୀତା ଓ ମାଆ ମାନଙ୍କର ପିଠା ପ୍ରସ୍ତୁତି ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସମରେନ୍ଦ୍ର ବସା ମଂଚକୁ ଅତିଥି ମାନଙ୍କୁ ଆମନ୍ତ୍ରଣ କରିଥିବା ବେଳେ, ସମ୍ପାଦକ ଇଂ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ପର୍ବ ପରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ସଦସ୍ୟ ଅଜିତ କୁମାର କବାଟ, ଜୟନ୍ତ ଦ୍ୱାରୀ, କୈବଲ୍ୟ ପ୍ରସାଦ ମହାପାତ୍ର, ବାସନ୍ତାଲତା ମହାପାତ୍ର, ସୁପ୍ରିତୀ ଦଳବେହେରା, ସୁସ୍ମିତା ଘୋଷାଲ, ଗୋପାଳ ସାଓ, ଶିଉଲାଲ ମହାନ୍ତ, ବିଶେଶ୍ୱର ଦ୍ୱିବେଦୀ, ନିରୋଜ ପଣ୍ଡା, ସନ୍ଦୀପ ଚାନ୍ଦ, ଡ. ଶଶୀଧର ବିଶ୍ୱାଳ, ଦୀପକ ଦଣ୍ଡପାଟ, ସଂଯୁକ୍ତା ଚାନ୍ଦ, ସଂଜୀବ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ତ୍ରିବେଣୀ ତୀର୍ଥ, ରେମୁଣାରେ କବିତା ପାଠୋତ୍ସବ



ରେମୁଣା,୦୧/୦୧ (ନି.ପ୍ର): ତ୍ରିବେଣୀ ତୀର୍ଥ ବିକାଶ କମିଟି ଆନୁକୂଲ୍ୟରେ ତ୍ରିବେଣୀ ତୀର୍ଥର ମହାତ୍ମ୍ୟ ଓ ଭକ୍ତି ଆଧାରିତ କବିତା ପାଠୋତ୍ସବ ତ୍ରିବେଣୀଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ପୀଠର ମହାରାଜ ଦୟାନନ୍ଦ ବାବ ଉତ୍ସବକୁ ଉଦ୍‌ଘାଟନ କରି ଗୁପ୍ତ ବୃନ୍ଦାବନ, ପଞ୍ଚତୀର୍ଥ ରେମୁଣାରେ ଅବସ୍ଥିତ ତ୍ରିବେଣୀଶ୍ୱରଙ୍କ ମହିମା ଓ ବଳଙ୍ଗ, ସୋଣ, ଗଙ୍ଗାହାର ନଦୀ ମିଳନ ପୀଠର ମହତ୍ତ୍ୱକୁ ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ସାହିତ୍ୟିକ ଅଶ୍ୱିନୀ କୁମାର ମହାନ୍ତି, ସମ୍ମାନନୀୟ ଅତିଥି ବ୍ୟାକରଣବିତ୍ ନିରଞ୍ଜନ ସାହୁ, କବି କରୁଣାକର ଖଟୁଆ ପ୍ରମୁଖ ଯୋଗଦେଇ ଇଂରାଜୀ ନୂତନ ବର୍ଷରେ ସମସ୍ତେ ଆଧାତ୍ମିକ ଚେତନାକୁ ଶ୍ରେୟ ଦେବାକୁ ପରାମର୍ଶ ଦେଇଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ, ବୈଶାଖି, ଶ୍ରାବଣୀ ଗିରି, କବି ରବୀନ୍ଦ୍ର କୁମାର ବିଶ୍ୱାଳ ଓ ପ୍ରଭାକର ସାହୁଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବୟିତ୍ରୀ ଜୟଶ୍ରୀ ମିଶ୍ର, ଯୋଗେଶ ଚନ୍ଦ୍ର ବେହେରା, ନିରଞ୍ଜନ ଗିରି, ଚକ୍ରଧର ଦାସ, ଲକ୍ଷ୍ମୀଧର ଦାସ ସମେତ ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ଶେଷରେ ସାଇ ସଂକୀର୍ତ୍ତନ ମଣ୍ଡଳି ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ ହୋଇଥିଲା।

## ଏଫଏମ କଲେଜ ପୁରାତନ ଛାତ୍ର ସଂସଦ ବୈଠକ

ବାଲେଶ୍ୱର,୦୨/୦୧ (ନି.ପ୍ର): ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦର ଏକ ବିଶେଷ ବୈଠକ ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ପୁରାତନ ଛାତ୍ରୀ ତଥା ଆମେରିକାରେ କାର୍ଯ୍ୟରତା ପ୍ରଫେସର ବାସନ୍ତୀ ଦେ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ବର୍ଷ ପରିପ୍ରେକ୍ଷୀରେ ଉପଦେଷ୍ଟା ଡାକ୍ତର ବିଜୟ କୁମାର ପଣ୍ଡା, ସଭାପତି ଓ ମୁଖ୍ୟଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥଲା। ଫକୀରମୋହନ କଲେଜ୍‌ରେ ପଢ଼ିବା ସମୟରେ ତାଙ୍କର ଅନୁଭୂତି ଓ ପୁରାତନ ଛାତ୍ର ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଫେସର ଦେ ଚକ୍ରବର୍ତ୍ତୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଫକୀରମୋହନ କଲେଜ ଓ ନ୍ୟୁଜର୍ସି ବିଶ୍ୱବିଦ୍ୟାଳୟ ମଧରେ ଏକ ଆଭାସି ଆଲୋଚନାଚକ୍ର ଅୟୋଜନ ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ଡ. ରମାକାନ୍ତ ନାୟକ ସଂସଦକୁ ଆହୁରି ସୁଦୃଢ଼ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ସଂସଦର କର୍ମକର୍ତ୍ତା ଅନୀଲ ପଟ୍ଟନାୟକ, ବିଜୟ ବଳିଆର ସିଂ, ରମାକାନ୍ତ ମହାନ୍ତି, ରାମ ପ୍ରସାଦ ପ୍ରଧାନ, ରାମଚନ୍ଦ୍ର ସେଠୀ, ଶରତ ମିଶ୍ର, ମଧୁସୂଦନ ବେହେରା, ଦୀପକ ଦାସ, ଯଶୋଦା ନନ୍ଦନ ଆଶ୍ ପଦ୍ମଲୋଚନ ଦତ୍ତ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## କୁଲଡିହା ହାତୀଙ୍କ ଆତଙ୍କ : ଭାଙ୍ଗିଲେ ଘର, ଖାଇଲେ ଧାନ, ଅଳ୍ପକେ ବଂଚିଲା ଜୀବନ

ନୀଳଗିରି, ୦୨/୦୧ (ନି.ପ୍ର): ଚାଷୀ ଧାନ କ୍ଷେତରୁ ଧାନ ଅମଳ କରି ଘର ଭିତରେ କିଏ ଫାଙ୍କା ରଖିଛି ତ କିଏ ବୁରାରେ ପୁରାଇ ରଖିଛି। କୁଲଡିହା ହାତୀ ଖାଦ୍ୟ ଅନ୍ୱେଷଣରେ ଏବେ ଗାଁ ମୁହାଁ ହୋଇଛନ୍ତି। ବିବରଣୀରୁ ପ୍ରକାଶ କୁଲଡିହା ରେଞ୍ଜ ଅଧିନସ୍ଥ ବାଉଁଶବଣିଆ ଗ୍ରା.ପ.ର ଜୁଣିଆ ଗ୍ରାମର ଗୀତାଂଜଳି ନାୟକ ଛୁଆ ପିଲାଙ୍କ ସହିତ ଖାଦ୍ୟ ଖାଉଥିବା ସମୟରେ ଗତକାଲି ରାତିରେ ହାତୀ ଘରର ପଛପଟୁ ଘର କାନ୍ଥ ଭାଙ୍ଗୁଥିବା ସମୟରେ ପରିବାର ଲୋକେ ଶବ୍ଦ ଶୁଣି ଲାଇଟ ପକାଇବାରୁ ହାତୀକୁ ଦେଖି ଘରୁ ବାହାରକୁ ପଳାଇଯାଇଥିଲେ। ଯାହାଫଳରେ ହାତୀ ଦାଉରୁ ଅଳ୍ପକେ ବଂଚିଗଲେ। ସେହିପରି ଉକ୍ତ ଗ୍ରାମର ପ୍ରତାପ ନାୟକଙ୍କ ଘରେ ଥିବା ଧାନ ବସ୍ତାରୁ ଧାନ ଖାଇବା ସହିତ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଏ ନେଇ ଗ୍ରାମବାସୀ ମାନେ ବାରମ୍ବାର ବନବିଭାଗକୁ ପେଟ୍ରୋଲିଂ କରିବା ପାଇଁ ଗୁହାରି କରୁଥିଲେ ବି ବନବିଭାଗ ଶୁଣୁ ନ ଥିବା ଅଭିଯୋଗ ହେଉଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଅଂଚଳରେ ବନ ବିଭାଗ ପେଟ୍ରୋଲି କରିବାକୁ ଜିଲ୍ଲା ପ୍ରଶାସନ ଦଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।

## ବନ ବିଭାଗ ଦ୍ୱାରା ମୃତ ଭାଲୁ ଉଦ୍ଧାର

ନୀଳଗିରି, ୦୨/୦୧ (ନି.ପ୍ର): ନୀଳଗିରି ବନ ବିଭାଗ ଦ୍ୱାରା ଗୋଟିଏ ମୃତ ଭାଲୁ ଉଦ୍ଧାର କରାଯାଇଛି। ନୀଳଗିରି ରେଞ୍ଜ ଅଧିନ ଧୋବଶିଳା ବିଟ୍ ଅନ୍ତର୍ଗତ ସାଇଡିଂସାହିର ଥିବା ପରିତ୍ୟକ୍ତ ପଥର ଖାଦାନରେ ଏକ ଭାଲୁ ମରିପଡ଼ିଥିବା ଗ୍ରାମବାସୀ ଦେଖି ବନବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନବିଭାଗର କର୍ମଚାରୀ ପହଂଚି ମୃତ ଭାଲୁକୁ ଉଦ୍ଧାର କରି ବନ ବିଭାଗ ଅଫିସକୁ ଆଣିଥିଲେ। ଭାଲୁଟିର ଶବ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ଶବ ବ୍ୟବଚ୍ଛେଦର ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଭାରପ୍ରାପ୍ତ ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ପ୍ରକାଶ କରିଛନ୍ତି।

## ଶାନ୍ତିକାନନରେ ପରମାନନ୍ଦ ତ୍ରିପାଠୀଙ୍କ ତିନୋଟି ଗ୍ରନ୍ଥ ଲୋକାର୍ପିତ



ବାଲେଶ୍ୱର,୦୨/୦୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ରବିବାର ସନ୍ଧ୍ୟାରେ 'କବି ଓ ନାଟ୍ୟକାର ଭଗବାନ ବେହେରା ଗ୍ରନ୍ଥାବଳୀ' ତୃତୀୟ ଖଣ୍ଡ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଉନ୍ମୋଚିତ ହୋଇଯାଇଛି। ଗବେଷକ ଡ. ମନ୍ମଥ କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗ ଦେଇ କହିଲେ ଯେ ନାଟ୍ୟକାର, ଅଭିନେତା ଓ ଦର୍ଶକ ଏକକୈନ୍ଦ୍ରିକ ହୋଇପାରିଲେ ନାଟକର ସାର୍ଥକତା ପ୍ରତିପାଦିତ ହୋଇଥାଏ। ମୁଖ୍ୟବକ୍ତା ଡ. ଶଇଳେନ୍ଦ୍ର ଲେଙ୍କା, ସମ୍ମାନିତ ଅତିଥି ଡ. ବ୍ରଜଗୋପାଳ ମହାନ୍ତି ଓ ନାଟ୍ୟକାର ମାଧବଚନ୍ଦ୍ର ପରିଡ଼ା ପୁସ୍ତକ ସଂପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଗ୍ରନ୍ଥାବଳୀରେ ସ୍ଥାନିତ ଛଅଟି ନାଟକ 'ବଉଳଗଛର ଛାଇ', 'ଅଜଣା ଝିଅଟିଏ', 'ଫୁଲଫଗୁଣ', 'ଜଳନ୍ତା ଜୁଇରୁ କହୁଛି', 'ଝୁମୁକା' ଓ 'ବକ୍ସିସ' ନାଟକ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ନାଟ୍ୟକାର ଡ. ଭଗବାନ ବେହେରା ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆହ୍ୱାନ କରିଥିଲେ। ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ତପନ ରାୟ, ବାସନ୍ତୀ ଦେ ଚକ୍ରବର୍ତ୍ତୀ, ଅରୁଣା ରାୟ, ଡ. ଶିରୀଶ ଚନ୍ଦ୍ର ଜେନା, ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।


## ନବ ବର୍ଷର ଅଭିନନ୍ଦନ



ଓଡ଼ିଶାର ସମସ୍ତ ମାଆ ମାଉସୀ, ଭାଇଭଉଣୀ, କୁନି କୁନି ପିଲାମାନଙ୍କୁ ମୋର ନୂତନ ବର୍ଷର ଅଭିନନ୍ଦନ। ସମସ୍ତେ ଶାରୀରିକ, ମାନସିକ ଓ ଆର୍ଥିକ କୁଶଳରେ ରୁହନ୍ତୁ। ଏତିକି ମୋର ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।

**ଇଂ. ଅଶ୍ୱିନୀ କୁମାର୍ ଦଣ୍ଡପାଟ**

ଅଧୀକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ବାରିପଦା


## ମେଘାସନ ମହାବିଦ୍ୟାଳୟର ଶୀତକାଳୀନ ଜାତୀୟ ସେବା ଶିବିର




ଉଦଳା,୦୨/୦୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ପରିଚାଳିତ ନୁଦଢ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ସର୍ବଣାଘାଟି ଗ୍ରାମଠାରେ ଥିବା ନନ୍ଦିନି ନୋଡ଼ାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗତ ଡ଼ିସେମ୍ବର ୨୪ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ପ୍ରୋଗ୍ରାମ ଅଫିସର ତପନ କୁମାର ନାୟକ ଓ ସସ୍ମିତା ରାୟଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହେଉଥିଲା। ମହାବିଦ୍ୟାଳୟର ଅଧକ୍ଷ ପ୍ରୋମୋଦ କୁମାର ରାଉତ ପତାକା ଉତ୍ତୋଳନ ପୁର୍ବକ ଶିବିରକୁ ଉଦ୍‌ଘାଟନ କରି ଦେଶ ଗଠନରେ ସେବା ଯୋଜନାର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନିୟମିତ ପ୍ରଭାତରେ ଶିବିରାର୍ଥୀ ମାନେ ଯୋଗ, ପ୍ରାଣାୟାମ ଅଭ୍ୟାସ କରିବା ସହ ସର୍ବଧର୍ମ ପ୍ରାର୍ଥନା ବୋଲୁଥିଲେ। ସର୍ବଣାଘାଟିକୁ ପୋଷ୍ୟ ଗ୍ରାମ ଭାବରେ ନିଆଯାଇ ନିୟମିତ ସଫେଇ ଓ ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରକାର ସଚେତନତାର ବାର୍ତ୍ତା ଶିବିରାର୍ଥୀ ମାନେ ବାଣ୍ଟୁଥିଲେ। ସାମାଜିକ କର୍ମୀ ମନୋରଂଜନ ମଲ୍ଲିକ ସରକାରଙ୍କର ବିଭିନ୍ନ ଯୋଜନା ଓ ଲୋକଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା ବିଷୟରେ ଅବଗତ କରାଇଥିଲେ। ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଦେଶକୁ ଦୁର୍ନିତୀମୁକ୍ତ କରିବା ପାଇଁ ସୂଚନା ଅଧିକାର ଆଇନ କିପରି କାମ କରୁଛି ଓ ସୂଚନା ମାଗିବାର କୌଶଳ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି, ଫନି ଭୂଷଣ ପୋଥାଳ, ରମେଶ ଚନ୍ଦ୍ର ନାୟକ, ଡ଼କ୍ଟର ନୀରଞ୍ଜନ ପାଠୀ, ଡ଼କ୍ଟର ଶୁଭଦର୍ଶନୀ ମହାନ୍ତି ପ୍ରମୁଖ ଯୋଗ ଦେଇ ସେବା ଦ୍ୱାରା ଶତ୍ରୁକୁ ମଧ ନିଜର କିପରି କରାଯାଇପାରେ ଓ ନିଜର ମଧ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ହୁଏ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ତିମ ଦିବସରେ ଜିଲ୍ଲା ପ୍ରୋଗ୍ରାମ ଅଫିସର ଦିଲ୍ଲିପ ପ୍ରମାଣିକ ଶିବିର ପରିଦର୍ଶନରେ ଆସିଥିଲେ।


## ୨୦୨୩ ନବବର୍ଷର ଶୁଭେଚ୍ଛା



ନୂଆବର୍ଷ ଉପଲକ୍ଷେ ବାଲେଶ୍ୱରର ସମସ୍ତ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏ ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଗୋବିନ୍ଦ ଚନ୍ଦ୍ର ଦାସ**

ପ୍ରାକ୍ତନ ବିଧାୟକ, ବାଲେଶ୍ୱର

## ୨୦୨୩ ନବବର୍ଷର ଶୁଭେଚ୍ଛା




ଇଂରାଜୀ ନବବର୍ଷ ଓ ମକର ସଂକ୍ରାନ୍ତି ଉପଲକ୍ଷେ ବାଲେଶ୍ୱରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏତିକି ପ୍ରାର୍ଥନା।

**ସୁଜିତ୍ କୁମାର ଦେବ୍**

ବରିଷ୍ଠ ବିଜେପି ନେତା, ବାଲେଶ୍ୱର

## ୨୦୨୩ ନବବର୍ଷର ଶୁଭେଚ୍ଛା





ଇଂରାଜୀ ନବବର୍ଷ ଉପଲକ୍ଷେ ବାଲେଶ୍ୱରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧି ଆଣିଦେବା ସହ ସମସ୍ତଙ୍କର ଜୀବନର ଚଲାପଥ ମଙ୍ଗଳମୟ ହେଉ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏତିକି ପ୍ରାର୍ଥନା।

**ଧ୍ରୁବ ଚନ୍ଦ୍ର ରଣା**

ବିଶିଷ୍ଟ ସମାଜସେବୀ, ବାଲେଶ୍ୱର

## ଇଂରାଜୀ ନବବର୍ଷ ୨୦୨୩ ର ଶୁଭେଚ୍ଛା





**ଅନୀଲକୁମାର ନାୟକ**
ସଂପାଦକ

**ଶ୍ୟାମାପ୍ରସାଦ ବେହେରା**
ସଭାପତି

ବାଲେଶ୍ୱର ସଦର ସବ୍‌ଡିଭିଜନ ଗୃହନିର୍ମାଣ ସମବାୟ ସମିତି ଲିଃ



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo